

# ସତ୍ୟବାର୍ତ୍ତା

*(THE VOICE OF TRUTH)*

MARCH - APRIL
2004

**AN ORIYA BIMONTHLY BULLETIN**
**PUBLISHED BY THE CHURCH OF CHRIST**



# THE VOICE OF TRUTH

Edited & Publisfied By
*Joshua & Kabita Gootam*

**CHURCH OF CHRIST**
P.O. BOX.NO.80, KAKINADA,
A.P. - 533 001.
PH: 0884 - 2363722

**Vol. 9. March & April 2004 (No. 2)**

**Published every two months
in Oriya Language for the Restoration of pure
New Testament Christianity**

Watch *SATYA VANI* on TEJA Channel Every Saturday and every Tuesday on MAA TV at 6:30 a.m. inTelugu Language.

Speaker : JOSHUA GOOTAM

Write for free Bible Correspondence Course in Telugu & Oriya to :

THE DIRECTOR
**BIBLE CORRESPONDENCE COURSE**
P.O. BOX.NO.80, KAKINADA - 533 001.

# ସତ୍ୟବାଣୀ

# VOICE OF TRUTH

VOL - IX KAKINADA MAR-APR

## ମୂର୍ତ୍ତିପୂଜା
## (The Sin of Idolatry)

ମୂର୍ତ୍ତି କାଠ, ପଥର କିମ୍ବା ଧାତୁନିର୍ମିତ ପ୍ରତିମା ଯାହା କୌଣସି ଦେବ ବା ଦେବୀଙ୍କର ପ୍ରତିନିଧିତ୍ୱ କରେ । ଏହା ମନୁଷ୍ୟରୂପରେ ବା ପ୍ରକୃତିର କୌଣସି ଅଙ୍ଗରୂପରେ ଦେଖିବାକୁ ମିଳେ । ଅଥବା କୌଣସି ବସ୍ତୁ ଜଣକର ସମସ୍ତଙ୍କର ପୂଜା ଆବଶ୍ୟକ କରେ ତାହା ପ୍ରତିମା ସ୍ୱରୂପ ଅଟେ । ପ୍ରତିମା ଉପାସନା ଅତୀତ ଯେତେ ପୁରୁଣା ବର୍ତ୍ତମାନ ଯେତେ ଆଧୁନିକ । ଏହା ଅନେକ ରୂପ ଧାରଣ କରେ ତଥାପି ଏହା ପ୍ରତିମା ପୂଜା ଓ ପ୍ରତିମା ପୂଜା ପାପରୂପେ ଗଣନା କରାଯାଏ । କାରଣ ଏହା ସତ୍ୟ ଓ ଜୀବିତ ଈଶ୍ୱରଙ୍କର ପୂଜା ହୋଇ, ଅନ୍ୟ ବସ୍ତୁର ଆରାଧନା କରାଯାଇଥାଏ ।

ମୂର୍ତ୍ତି ବିଷୟରେ ବାଇବଲ ଏପରି କହେ, "ତୁମ୍ଭେ ଆପଣା ନିମନ୍ତେ କୌଣସି ଖୋଦିତ ପ୍ରତିମା ନିର୍ମାଣ କରିବ ନାହିଁ, କି ଉପରିସ୍ଥ ସ୍ୱର୍ଗରେ, କି ନୀଚସ୍ଥ ପୃଥିବୀରେ, କି ପୃଥିବୀର ନିଚସ୍ଥ ଜଳରେ ଥିବା କୌଣସି ବସ୍ତୁର ପ୍ରତିମୂର୍ତ୍ତି ନିର୍ମାଣ କରିବ ନାହିଁ । ତୁମ୍ଭେ ସେମାନଙ୍କୁ ପ୍ରଣାମ କରିବ ନାହିଁ କି ସେମାନଙ୍କ ସେବା କରିବ ନାହିଁ, ଯେହେତୁ ଆମ୍ଭେ ତୁମ୍ଭର ସଦାପ୍ରଭୁ ପରମେଶ୍ୱର ସ୍ୱଗୌରବ-ରକ୍ଷଣରେ ଉଦ୍‌ଯୋଗୀ ପରମେଶ୍ୱର ଅଟୁଁ ।" (ଯାତ୍ରା ୨୦:୪-୫) "ଏହେତୁ ଇଶ୍ରାୟେଲ ବଂଶକୁ କୁହ ପ୍ରଭୁ ସଦାପ୍ରଭୁ ଏହି କଥା କହନ୍ତି, ତୁମ୍ଭେମାନେ ଫେର, ଆପଣା ଆପଣା ଦେବଗଣଠାରୁ ବିମୁଖ ହୁଅ, ତୁମ୍ଭମାନଙ୍କର ସମସ୍ତ ଘୃଣ୍ୟଯୋଗ୍ୟ କ୍ରିୟାରୁ ଆପଣା ଆପଣା ମୁଖ ଫେରାଅ (ଯିହିଜି ୧୪:୬)

ନୂତନ ନିୟମର ଲେଖକ ଏପରି ଲେଖନ୍ତି, "ଅତଏବ ମୋହର ବିଚାର ଏହି, ବିଜାତିମାନଙ୍କ ମଧ୍ୟରୁ ଯେଉଁମାନେ ଈଶ୍ୱରଙ୍କ ପ୍ରତି ଫେରନ୍ତି, ସେମାନଙ୍କୁ ଆମ୍ଭେମାନେ ଭାରଗ୍ରସ୍ତ କରିବା ନାହିଁ, କିନ୍ତୁ ପ୍ରତିମା ସମ୍ବନ୍ଧୀୟ ଅଶୁଚିତା, ପରଦାର, ଶ୍ୱାସରୁଦ୍ଧ ଦ୍ୱାରା ମୃତପ୍ରାଣୀ ଓ ରକ୍ତରୁ ପୃଥକ ରହିବା ନିମନ୍ତେ ଆମ୍ଭେମାନେ ସେମାନଙ୍କୁ ଲେଖୁ ।" (ପ୍ରେରିତ ୧୫:୧୯-

୨୦) "ହେ ବତ୍ସଗଣ, ପ୍ରତିମାମାନଙ୍କ ଠାରୁ ଆପଣା ଆପଣାକୁ ପୃଥକ କର।" (୧ମ ଯୋହନ ୫:୨୧)

ଈଶ୍ୱରଙ୍କ ଦ୍ୱାରା ପ୍ରେରଣାପ୍ରାପ୍ତ ଲେଖକମାନେ ମୂର୍ତ୍ତିପୂଜା ବିଷୟକ ମୂଢ଼ତା ଓ ସେଗୁଡ଼ିକର ଉପାସନା ବିଷୟରେ ଏପରି ଲେଖନ୍ତି, "ସେମାନଙ୍କ ଦେଶ ମଧ୍ୟ ପ୍ରତିମାରେ ପରିପୂର୍ଣ୍ଣ, ସେମାନେ ଆପଣାମାନଙ୍କ ଆଙ୍ଗୁଳି ନିର୍ମିତ ସ୍ୱହସ୍ତକୃତ ବସ୍ତୁକୁ ପ୍ରଣାମ କରନ୍ତି। ସାମାନ୍ୟ ଲୋକ ଅଧୋମୁଖ ଓ ମହାନ ଲୋକ ନତ ହୁଏ, ଏହେତୁ ସେମାନଙ୍କୁ କ୍ଷମା କର ନାହିଁ। (ଯିଶା ୨:୮-୯) ଯେଉଁମାନେ ଖୋଦିତ ପ୍ରତିମା ନିର୍ମାଣ କରନ୍ତି, ସେ ସମସ୍ତେ ଅସାର, ସେମାନେ ଯେମନ୍ତ ଲଜ୍ଜିତ ହେବେ ଏଥିପାଇଁ ସେମାନଙ୍କର ନିଜ ସାକ୍ଷୀଗଣ ଦେଖନ୍ତି ନାହିଁ, କିଅବା ଜାଣନ୍ତି ନାହିଁ। ଯାହା କୌଣସି ବିଷୟରେ ଉପକାରକ ନୁହେଁ, ଏପରି ଦେବତା କିଏ ନିର୍ମାଣ କରିଅଛି ? ଅବା ଖୋଦିତ ପ୍ରତିମା କିଏ ଛାଞ୍ଚରେ ଢ଼ାଳି ଦେଇଛି ? ଦେଖ, ତାହାର ସହାୟ ସମସ୍ତେ ଲଜ୍ଜିତ ହେବେ, ପୁଣି ଶିଳ୍ପକାରୀମାନେ ମନୁଷ୍ୟ ମାତ୍ର, ସେ ସମସ୍ତେ ଏକତ୍ର ହୁଅନ୍ତୁ, ସେମାନେ ଛିଡ଼ା ହୁଅନ୍ତୁ, ସେମାନେ କମ୍ପିତ ହେବେ ସେମାନେ ଏକାବେଳେକେ ଲଜ୍ଜିତ ହେବେ। କର୍ମକାର ଲୌହ ଅସ୍ତ୍ର ନିର୍ମାଣ କରି ତପ୍ତ ଅଙ୍ଗାରରେ କର୍ମ କରେ, ହଁ, ସେ କ୍ଷୁଧିତ ହୁଏ ଓ ତାହାର ବଳ ଊଣା ପଡ଼ିଯାଏ, ସେ ଜଳପାନ ନ କରି କ୍ଳାନ୍ତ ହୁଏ। ସୁତ୍ରଧରି ସୂତା ଟାଣେ, ସେ ସିନ୍ଦୁର ଦ୍ୱାରା ଚିହ୍ନ ଦିଏ। ସେ ରନ୍ଧା ବୁଲାଇ କମ୍ପାସ ଦ୍ୱାରା ଚିହ୍ନ ଦିଏ ଓ ଗୃହରେ ବାସ କରିବା ନିମନ୍ତେ ମନୁଷ୍ୟର ଆକୃତି ଓ ସୌନ୍ଦର୍ଯ୍ୟ ଅନୁସାରେ ତାହା ନିର୍ମାଣ କରେ। ସେ ଆପଣା ନିମନ୍ତେ ଏରସ ବୃକ୍ଷ କାଟେ ଓ ଆଲୋନ ବୃକ୍ଷ ନିଏ, ସେ ବନ ବୃକ୍ଷ ମଧ୍ୟରୁ ଗୋଟାଏ ବୃକ୍ଷ ଆପଣା ପାଇଁ ଦୃଢ଼ କରେ, ସେ ଦେବଦାରୁ ବୃକ୍ଷ ରୋପଣ କରେ ଓ ବୃଷ୍ଟି ତାହା ବଢ଼ାଏ। ଏହା ପରେ ତାହା ମନୁଷ୍ୟର ଜାଳେଣି କାଷ୍ଠ ହୁଏ, ସେ ତହିଁରୁ କିଛି ନେଇ ଅଗ୍ନିତାପ ନିଏ, ଆଉ ସେ ତାହା ଜାଳି ରୋଟୀ ପାକ କରେ, ଆହୁରି ଗୋଟିଏ ଦେବତା କରି ତାହା ପୂଜା କରେ, ସେ ଗୋଟିଏ ଖୋଦିତ ପ୍ରତିମା କରି ତା' ଆଗରେ ଦଣ୍ଡବତ କରେ। ସେ ତହିଁରୁ ଏକ ଅଂଶ ଅଗ୍ନିରେ ପଡ଼େ, ଅନ୍ୟ ଅଂଶ ସେ ମାଂସ ପ୍ରସ୍ତୁତ କରି ତୃପ୍ତ ହୁଏ। ଆହୁରି ସେ ଅଗ୍ନି ତାପ ନେଇ କହେ ଆଃ, ଆମ୍ଭେ ଉଷ୍ମ ହେଲୁ, ଆମ୍ଭେ ଅଗ୍ନି ଦେଖିଲୁ। ପୁଣି ସେ ତହିଁର ଅବଶିଷ୍ଟାଂଶ ଦ୍ୱାରା ଏକ ଦେବତା, ଆପଣାର ଖୋଦିତ ପ୍ରତିମା ନିର୍ମାଣ କରେ, ସେ ତାହା ଆଗରେ ଦଣ୍ଡପତ କରି ପୂଜା କରେ ଓ ତା ନିକଟରେ ପ୍ରାର୍ଥନା କରି କହେ, ଆମ୍ଭକୁ କିଅବା ବିବେଚନା କରନ୍ତି ନାହିଁ, କାରଣ ସେମାନେ ଯେମନ୍ତ ଦେଖି ନ ପାରିବେ, ଏଥିପାଇଁ ସେମାନଙ୍କର ଚକ୍ଷୁ ଓ ସେମାନେ ଯେମନ୍ତ ବୁଝି ନପାରିବେ, ଏଥିପାଇଁ ସେମାନଙ୍କର ଚିତ୍ତ ସେ ମୁଦ୍ରିତ କରିଅଛନ୍ତି। କେହି ମନେ କରେ ନାହିଁ, କିଅବା ଏହା କହିବା ପାଇଁ କାହାରି ଜ୍ଞାନ କି ବୁଦ୍ଧି ନାହିଁ ଯେ ଯହିଁର ଏକ ଅଂଶ ନେଇ ଆମ୍ଭେ ଅଗ୍ନିରେ ଦଗ୍ଧ କରିଅଛୁ ଓ ଯହିଁର ଜ୍ୱଳନ୍ତ ଅଙ୍ଗାର ନେଇ ରୋଟୀ

ପାକ କରିଅଛୁ ଓ ମାଂସ ପାକ କରି ଭୋଜନ କରିଅଛୁ, ତହିଁର ଅବଶିଷ୍ଟାଂଶ ନେଇ କି ଘୃଣାଯୋଗ୍ୟ ବସ୍ତୁ ନିର୍ମାଣ କରିବା ? ଆମ୍ଭେ କି ଖଣ୍ଡେ କାଷ୍ଠ ଆଗରେ ଦଣ୍ଡବତ କରିବା ? ସେ ଭସ୍ମ ଭୋଜନ କରେ, ସେ ଯେମନ୍ତ ଆପଣା ପ୍ରାଣ ଉଦ୍ଧାର କରି ନପାରେ, ଏଥିପାଇଁ ଭ୍ରାନ୍ତ ଚିତ୍ତ ତାହାକୁ ବିପଥଗାମୀ କରିଅଛି । (ଯିଶା ୪୪:୯-୨୦)

ଏହାର ମୂର୍ଖତା ବିଷୟରେ ଦାଉଦ୍ ଲେଖିଲେ, "ହେ ସଦାପ୍ରଭୁ, ଆମ୍ଭମାନଙ୍କୁ ନୁହେଁ, ମାତ୍ର ତୁମ୍ଭ ଦୟା ତୁମ୍ଭ ସତ୍ୟତା ସକାଶେ ଆପଣା ନାମକୁ ଗୌରବାନ୍ୱିତ କର । ଏବେ ସେମାନଙ୍କର ପରମେଶ୍ୱର କହନ୍ତି, ଏହା ଅନ୍ୟଦେଶୀୟମାନେ କାହିଁକି କହିବେ ? ମାତ୍ର ଆମ୍ଭମାନଙ୍କ ପରମେଶ୍ୱର ସ୍ୱର୍ଗରେ ଅଛନ୍ତି, ଯାହା ତାହାଙ୍କ ଇଚ୍ଛା ତାହା ସେ କରିଅଛନ୍ତି । ସେମାନଙ୍କର ପ୍ରତିମା ସବୁ ରୂପା ଓ ସୁନା, ମନୁଷ୍ୟର ହସ୍ତକୃତ କର୍ମ ଅଟେ । ସେମାନଙ୍କର ମୁଖ ଅଛି ମାତ୍ର ସେମାନେ କଥା କହନ୍ତି ନାହିଁ, ଚକ୍ଷୁ ସେମାନଙ୍କର ଅଛି ମାତ୍ର ସେମାନେ ଦେଖନ୍ତି ନାହିଁ, ସେମାନଙ୍କର କର୍ଣ୍ଣ ଅଛି, ମାତ୍ର ସେମାନେ ଶୁଣନ୍ତି ନାହିଁ, ନାସିକା ସେମାନଙ୍କର ଅଛି ମାତ୍ର ସେମାନେ ଆଘ୍ରାଣ କରନ୍ତି ନାହିଁ, ସେମାନଙ୍କର ହସ୍ତ ଅଛି, ମାତ୍ର ସେମାନେ ସ୍ପର୍ଶ କରନ୍ତି ନାହିଁ, ଚରଣ ସେମାନଙ୍କର ଅଛି, ମାତ୍ର ସେମାନେ ଗମନ କରନ୍ତି ନାହିଁ କିଅବା କଣ୍ଠରେ ସେମାନେ କଥା କହନ୍ତି ନାହିଁ । ସେମାନଙ୍କ ନିର୍ମାଣକାରୀମାନେ ଓ ସେମାନଙ୍କଠାରେ ନିର୍ଭରକାରୀମାନେ ସେମାନଙ୍କ ତୁଲ୍ୟ ହେବେ ।" (ଗୀତ ୧୧୫:୧-୮)

ପୁନର୍ବାର ନୂତନ ନିୟମରେ ଏପରି ଲେଖାଯାଏ, "ଅଥୀନୀରେ ପାଉଲ ସେମାନଙ୍କର ଅପେକ୍ଷାରେ ଥିବା ସମୟରେ ସେହି ନଗରକୁ ପ୍ରତିମାରେ ପରିପୂର୍ଣ୍ଣ ଦେଖି ତାହାଙ୍କ ଆତ୍ମା ଉତ୍ତପ୍ତ ହୋଇ ଉଠିଲା । (ପ୍ରେରିତ ୧୭:୧୬) ପରେ "ଏଥିରେ ପାଉଲ ଆରୟପାଗର ମଧ୍ୟ ସ୍ଥଳରେ ଠିଆ ହୋଇ କହିଲେ, ହେ ଅଥୀନୀୟ ଲୋକମାନେ, ଆପଣମାନେ ଯେ ସମସ୍ତ ବିଷୟରେ ବଡ଼ ଦେବ ଭକ୍ତ ଏହା ମୁଁ ଦେଖୁଅଛି । କାରଣ ମୁଁ ଭ୍ରମଣ କରିବା ସମୟରେ ଆପଣମାନଙ୍କ ପୂଜ୍ୟବସ୍ତୁ ସମସ୍ତ ଦେଖୁଁ ଦେଖୁଁ ଗୋଟିଏ ବେଦି ମଧ୍ୟ ଦେଖିଲି, ଯାହା ଉପରେ ଏହି କଥା ଲେଖା ହୋଇଅଛି । 'ଅଜ୍ଞାତ ଦେବତାଙ୍କ ଉଦ୍ଦେଶ୍ୟରେ ।" ଅତଏବ ଆପଣମାନେ ନ ଜାଣି ଯାହାଙ୍କୁ ପୂଜା କରୁଅଛନ୍ତି ମୁଁ ତାହାଙ୍କୁ ଆପଣମାନଙ୍କ ନିକଟରେ ପ୍ରଚାର କରୁଅଛି ।" (ପ୍ରେରିତ ୧୭:୨୨-୨୩) ପୁଣି ପାଉଲ କହନ୍ତି, ସେ ଯେଉଁ ଈଶ୍ୱରଙ୍କର ପୂଜା କରୁଅଛନ୍ତି ସେ ସମସ୍ତ ସୃଷ୍ଟିର ସୃଷ୍ଟିକର୍ତ୍ତା, ସେ ହସ୍ତନିର୍ମିତ ମନ୍ଦିରରେ ବାସ କରନ୍ତି ନାହିଁ, କିମ୍ୱା ତାଙ୍କର ଖାଦ୍ୟ ଓ ପାନୀୟ ପଦାର୍ଥର ଆବଶ୍ୟକତା ନାହିଁ । ଅନ୍ୟ ଗୋଟିଏ ସ୍ଥଳରେ ପାଉଲ ଏପରି କହନ୍ତି, "ଏଣୁ ଦେବପ୍ରସାଦ ଭୋଜନ ବିଷୟରେ ଆମ୍ଭେମାନେ ଜାଣୁ ଯେ, ଜଗତରେ ଦେବତା ବୋଲି କିଛି ନାହିଁ, ଆଉ ଏକ ଈଶ୍ୱର ବିନା ଦ୍ୱିତୀୟ ନାହିଁ । କାରଣ ସ୍ୱର୍ଗରେ ହେଉ ବା ପୃଥିବୀରେ ହେଉ, ଯେଉଁମାନଙ୍କୁ ଦେବତା ବୋଲି କହନ୍ତି, ଯଦି ସେମାନେ ଥାଇପାରନ୍ତି, (ଏପରି ବ

ଅନେକ ଦେବତା ଓ ଅନେକ ପ୍ରଭୁ ଅଛନ୍ତି) ତଥାପି ଆମ୍ଭମାନଙ୍କର ଏକମାତ୍ର ଈଶ୍ୱର ଅର୍ଥାତ୍ ଯେଉଁ ପିତାଙ୍କ ଦ୍ୱାରା ସମସ୍ତ ବିଷୟ ହୋଇଅଛି, ଆଉ ଆମ୍ଭେମାନେ ତାହାଙ୍କ ନିମନ୍ତେ ହୋଇଅଛୁ, ପୁଣି ଏକମାତ୍ର ପ୍ରଭୁ ଅର୍ଥାତ୍ ଯୀଶୁଖ୍ରୀଷ୍ଟ, ତାହାଙ୍କ ଦ୍ୱାରା ସମସ୍ତ ବିଷୟ ହୋଇଅଛି, ପୁଣି ତାହାଙ୍କ ଦ୍ୱାରା ଆମ୍ଭେମାନେ ହୋଇଅଛୁଁ । (୧ମ କରିନ୍ଥୀ ୮:୪-୬)

ବାଇବଲ ମୂର୍ତ୍ତିପୂଜାକୁ ଅପରାଧ ରୂପେ ସାବ୍ୟସ୍ତ କରେ । ଲେଖାଯାଏ, ପ୍ରତ୍ୟେକ ମୂର୍ତ୍ତିପୂଜକ, ମିଥ୍ୟାବାଦୀ ପ୍ରଭୃତି ନରକରେ ନିକ୍ଷିପ୍ତ ହେବେ (ପ୍ରକାଶିତ ୨୧:୮) । ଅନ୍ୟପକ୍ଷରେ ଯେପରି ବାଇବଲ କହେ, ସେପରି ପ୍ରକୃତି, ବୁଦ୍ଧି ଓ ସାଧାରଣ ଜ୍ଞାନ ମଧ୍ୟ କହେ ଯେ, କେବଳ ଏକ ଈଶ୍ୱର (ଏଫିସୀ ୪:୬) ଏକ ଆତ୍ମା (ଯୋହନ ୪:୨୬) ଏବଂ ଆମେ କେବଳ ତାଙ୍କୁ ସେବା କରିବା ଆବଶ୍ୟକ । (୧ମ ଥେସଲନୀକୀ ୧:୯)

**- J.C. Choate**

❋❋❋

# ପ୍ରତିଜ୍ଞାତ ସନ୍ତାନ ଇସ୍‌ହାକ

ବିଶ୍ୱାସର ପିତା ଅବ୍ରାହମଙ୍କ ପୁତ୍ର ତଥା ଇଶ୍ରାଏଲ ଜାତିର ଆଦିପିତା ଯାକୁବଙ୍କ ପିତା ଇସ୍‌ହାକଙ୍କ ଜୀବନ ଚରିତ୍ର ଆମ୍ଭେମାନେ ଆଦିପୁସ୍ତକରେ ପଢ଼ିଥାଉଁ । ସଦାପ୍ରଭୁ ପରମେଶ୍ୱର ଅବ୍ରାହମଙ୍କୁ ଆକାଶର ତାରାଗଣ ସମାନ ବହୁବଂଶଜ କରିବାକୁ ପ୍ରତିଜ୍ଞା କଲେ ସୁଦ୍ଧା ସେ ୯୯ ବର୍ଷ ବୟସ ପର୍ଯ୍ୟନ୍ତ ନିଃସନ୍ତାନ ଥିଲେ । ସାରାଙ୍କ ଦାସୀ ହାଗରଙ୍କ ଦ୍ୱାରା ଅବ୍ରାହମଙ୍କ ପୁତ୍ର ଇଶ୍ମାଏଲ୍ ପରମେଶ୍ୱରଙ୍କ ପ୍ରତିଜ୍ଞାତ ସନ୍ତାନ ନଥିଲେ କିନ୍ତୁ ସାରାଙ୍କ ଗର୍ଭରୁ ଜାତ ଇସ୍‌ହାକଙ୍କ ଦ୍ୱାରା ସଦାପ୍ରଭୁ ଆପଣା ପ୍ରତିଜ୍ଞା ସଫଳ କରିଥିଲେ । "ତେତେବେଳେ ପରମେଶ୍ୱର କହିଲେ, ତୁମ୍ଭର ଭାର୍ଯ୍ୟା ସାରା ତୁମ୍ଭ ନିମନ୍ତେ ନିଶ୍ଚୟ ପୁତ୍ର ପ୍ରସବ କରିବ, ପୁଣି ତୁମେ ତାହାର ନାମ ଇସ୍ହାକ ରଖିବ, ପୁଣି ଆମେ ତାହା ସହିତ ଆପଣା ନିୟମ ସ୍ଥିର କରିବା, ତାହା ତାହାର ଭବିଷ୍ୟଦ୍ ବଂଶପକ୍ଷରେ ଚିରସ୍ଥାୟୀ ନିୟମ ହେବ ।" (ଆଦି ୧୭:୧୯) "ଅନନ୍ତର ସଦାପ୍ରଭୁ ଆପଣା ବାକ୍ୟାନୁସାରେ ସାରାର ତତ୍ତ୍ୱାବଧାନ କଲେ, ପୁଣି ସଦାପ୍ରଭୁ ଯାହା କହିଥିଲେ, ସାରା ପ୍ରତି ତାହା କଲେ । ତହିଁରେ ସାରା ଅବ୍ରାହମଙ୍କର ବୃଦ୍ଧାବସ୍ଥାରେ ଗର୍ଭବତୀ ହୋଇ ପରମେଶ୍ୱରଙ୍କ ନିରୂପିତ ସମୟରେ ପୁତ୍ର ପ୍ରସବ କଲେ । ସେତେବେଳେ ଅବ୍ରାହମ ସାରାର ଗର୍ଭଜାତ ନିଜ ପୁତ୍ରର ନାମ ଇସ୍‌ହାକ (ହାସ୍ୟ) ରଖିଲେ ।" (ଆଦି ୨୧:୧-୩)

ବାଳକ ବଡ଼ ହୁଅନ୍ତେ ସେମାନେ ସ୍ତନ୍ୟପାନ ତ୍ୟାଗ କରାଇ ସେଦିନ ମହାଭୋଜ

ପ୍ରସ୍ତୁତ କଲେ । ଏ ସମସ୍ତ ଘଟଣା ଉତ୍ତାରେ ସଦାପ୍ରଭୁ ଅବ୍ରାହମଙ୍କୁ ପରୀକ୍ଷା କରି କହିଲେ, "ତୁମେ ଏବେ ଆପଣା ପୁତ୍ରକୁ, ତୁମ୍ଭର ଅଦ୍ୱିତୀୟ ପୁତ୍ରକୁ ଅର୍ଥାତ୍ ତୁମେ ଯାହାକୁ ସ୍ନେହ କର, ସେହି ଇସ୍‌ହାକକୁ ଘେନି ମୋରିୟା ଦେଶକୁ ଯାଅ, ପୁଣି ଆମ୍ଭେ ସେହି ଦେଶରେ ଯେଉଁ ପର୍ବତ କହିବା, ସେହି ପର୍ବତ ଉପରେ ତାହାକୁ ହୋମାର୍ଥେ ବଳିଦାନ କର ।" (ଆଦି ୨୨:୨) ଅବ୍ରାହମ ବିନା ପ୍ରଶ୍ନରେ, ବିନା ଦ୍ୱିଧାରେ ସଦାପ୍ରଭୁଙ୍କ ବାକ୍ୟ ପାଳନ କରିବାକୁ ପ୍ରସ୍ତୁତ ହୋଇଥିଲେ । ଆପଣା ପୁତ୍ରକୁ ବଳି ଦେବା ନିମନ୍ତେ ଦୁଇ ଦାସ, ଛୁରିକା, ଅଗ୍ନି ଓ ଇସ୍‌ହାକ ମଧ୍ୟ ବିନା ପ୍ରଶ୍ନରେ ଆପଣା ପିତାଙ୍କ ସଙ୍ଗରେ ଆଗେଇ ପଡ଼ିଥିଲେ । ଦୁଇଦିନ ମୌନ ରହିବା ପରେ ତୃତୀୟ ଦିନରେ ସେ ଆପଣା ପିତାଙ୍କୁ ପଚାରିଲେ, "ଏହି ଦେଖ, ଅଗ୍ନି ଓ କାଷ୍ଠ, ମାତ୍ର ହୋମ ନିମନ୍ତେ ମେଣ୍ଢାଛୁଆ କାହିଁ ? ତହିଁରେ ଅବ୍ରାହମ କହିଲେ, ପୁତ୍ର, ପରମେଶ୍ୱର ଆପେ ହୋମ ପାଇଁ ମେଣ୍ଢାଛୁଆ ଯୋଗାଇବେ । ତହୁଁ ଦୁହେଁ ଏକତ୍ର ଚାଲିଲେ । ଆଉ ପରମେଶ୍ୱରଙ୍କ ନିରୂପିତ ସ୍ଥାନରେ ଉପସ୍ଥିତ ହୁଅନ୍ତେ, ଅବ୍ରାହମ ସେଠାରେ ଏକ ଯଜ୍ଞବେଦୀ ନିର୍ମାଣ କରି, ତହିଁ ଉପରେ କାଠ ସଜାଡ଼ି ଆପଣା ପୁତ୍ର ଇସ୍‌ହାକକୁ ବାନ୍ଧି କାଠ ଉପରେ ଶୁଆଇଲେ । ଅନନ୍ତର ଅବ୍ରାହମ ହସ୍ତ ବିସ୍ତାର ପୁତ୍ରକୁ ବଧ କରିବା ନିମନ୍ତେ ଛୁରିକା ଧରିଲେ ।" (ଆଦି ୨୨:୭-୧୦) । ଏଠାରେ ଇସ୍‌ହାକଙ୍କର ସଦାପ୍ରଭୁ ଓ ଆପଣା ପିତାଙ୍କ ପ୍ରତି ଆଜ୍ଞାବହତା ପ୍ରକାଶ ପାଏ । ସେ ପରମେଶ୍ୱରଙ୍କ ଆଜ୍ଞା ପାଳନ କରିବା ନିମନ୍ତେ, ଆପଣା ପ୍ରାଣବଳି ଦେବାକୁ ମଧ୍ୟ ପ୍ରସ୍ତୁତ ଥିଲେ । ଅବ୍ରାହମ ହସ୍ତ ବିସ୍ତାରି ଛୁରିକାରେ ଇସ୍‌ହାକକୁ ଯଜ୍ଞବେଦି ଉପରେ ବଳି ଦେବା ସମୟରେ ସଦାପ୍ରଭୁଙ୍କ ଦୂତ ତାହାଙ୍କୁ ଦର୍ଶନ ଦେଇ, ତାହାଙ୍କ ପ୍ରଶଂସା କରିଥିଲେ । ସଦାପ୍ରଭୁ ଇସ୍‌ହାକଙ୍କ ବଦଳେ ବଳିଦେବା ନିମନ୍ତେ ଏକ ମେଷ ଯୋଗାଇଥିଲେ । ଅବ୍ରାହମ ସେହି ପର୍ବତକୁ ଯିହୋବା-ଯିରି (ସଦାପ୍ରଭୁ ଯୋଗାଇବେ) ରଖିଲେ ।

ଇସ୍‌ହାକ ଆପଣା ଜୀବନସାଥି ମନୋନୀତ କରିବାରେ ମଧ୍ୟ ଅବ୍ରାହମଙ୍କ ଆଜ୍ଞାବହ ରହିଲେ । ଅବ୍ରାହମ, ଆପଣା ପୁତ୍ର ନିମନ୍ତେ କିଣାନୀୟ କନ୍ୟା ବିବାହ କରିବାକୁ ଅନିଚ୍ଛୁକ ଥିବାରୁ ଆପଣା ପିତାଙ୍କ ଇଚ୍ଛାନୁଯାୟୀ ତାହାଙ୍କ ଜ୍ଞାତି ବଥୂୟେଲଙ୍କ କନ୍ୟା ରିବିକାକୁ ବିବାହ କରିଥିଲେ । ଇସ୍‌ହାକ ଓ ରିବିକାଙ୍କ ବିବାହର କାହାଣୀ ଆମ୍ଭେମାନେ ଆଦି ୨୪ ପର୍ବରେ ପଢ଼ିଥାଉଁ । ଇସ୍‌ହାକଙ୍କର ଏହି ନିର୍ଣ୍ଣୟ ଦ୍ୱାରା ତାହାଙ୍କ ପାରିବାରିକ ଜୀବନ ସୁଖଦାୟକ ହୋଇଥିଲା । ବାକ୍ୟ କହେ, "ଗୃହ ଓ ଧନ ପିତୃଲୋକଙ୍କ ଠାରୁ ପ୍ରାପ୍ତ ଅଧିକାର, ମାତ୍ର ବୁଦ୍ଧିମତୀ ଭାର୍ଯ୍ୟା ସଦାପ୍ରଭୁଙ୍କ ଠାରୁ ପ୍ରାପ୍ତ ହୁଅଇ ।" (ହିତ ୧୯:୧୪) ଇସ୍ରାଏଲର ବିଚାରକର୍ତ୍ତା ଶାମ୍‌ସୋନ ମହାବିକ୍ରମଶାଳୀ ଯୋଦ୍ଧା ହେଲେ ହେଁ, ବିଜାତୀୟ ସ୍ତ୍ରୀମାନଙ୍କ ପ୍ରତି ତାହାଙ୍କ ମୋହ, ତାହାଙ୍କ ବିନାଶର କାରଣ ହୋଇଥିଲା । "ତହୁଁ ସେ (ଶାମ୍‌ସୋନ୍) ଆସି ଆପଣା ପିତା ଓ ମାତାକୁ କହିଲା, "ମୁଁ ତିମ୍ନାରେ ପାଲେଷ୍ଟିନୀୟମାନଙ୍କ କନ୍ୟାଗଣ ମଧ୍ୟରେ ଗୋଟିଏ ସ୍ତ୍ରୀଲୋକ

ଦେଖିଅଛି । ଏଣୁ ତୁମ୍ଭେମାନେ ଏବେ ତାହାକୁ ଆଣି ମୋତେ ବିବାହ ଦିଅ । ତେବେ ତାହାର ପିତା ଓ ମାତା ତାହାକୁ କହିଲେ, ତୁମ୍ଭ ଭ୍ରାତୃଗଣର ଅବା ଆମ୍ଭ ସମୁଦାୟ ଲୋକଙ୍କର କନ୍ୟାଗଣ ମଧ୍ୟରେ କି ଜଣେ ସ୍ତ୍ରୀ ନାହିଁ, ଯେ ତୁମ୍ଭେ ଅନୁନ୍ନତ ପାଲେଷ୍ଟାନୀୟମାନଙ୍କ ମଧ୍ୟରୁ ଭାର୍ଯ୍ୟା ଗ୍ରହଣ କରିବାକୁ ଯିବ ? ତହିଁରେ ଶାମ୍‌ସୋନ୍ ଆପଣା ପିତାକୁ କହିଲା, "ତାହାକୁ ମୋ' ପାଇଁ ଆଣ, ସେ ମୋ' ଦୃଷ୍ଟିରେ ପସନ୍ଦ ।" (ବିଚାରକର୍ତ୍ତା ୧୪:୨-୩) ତା' ପରବର୍ତ୍ତୀ ଅଧ୍ୟାୟଗୁଡ଼ିକରେ ବିଦେଶୀୟ ସ୍ତ୍ରୀମାନଙ୍କ ଯୋଗୁଁ ଶାମସୋନ୍‌ଙ୍କ ଦୁର୍ଗତି ଓ ପତନର କାହାଣୀ ପଢ଼ିଥାଉଁ । ପତ୍ନୀ ଗ୍ରହଣ କରିବା ଇସ୍‌ହାକ ଆପଣା ପିତାଙ୍କ ଆଜ୍ଞା ପାଳନ କରିବା ସଙ୍ଗେ ସଙ୍ଗେ, ଆପଣା ପୁତ୍ର ଯାକୁବକୁ ବିଜାତୀୟ ସ୍ତ୍ରୀ ଗ୍ରହଣ ନ କରିବାକୁ ଆଜ୍ଞା ଦେଇଥିଲେ, "ଅନନ୍ତର ଇସ୍‌ହାକ ଯାକୁବଙ୍କୁ ଡକାଇ ଆଶୀର୍ବାଦ କଲେ ଏବଂ ଏହି ଆଜ୍ଞା ଦେଇ ତାହାଙ୍କୁ କହିଲେ, "ତୁମ୍ଭେ କିଣାନ ଦେଶର କୌଣସି କନ୍ୟାକୁ ବିବାହ କରିବ ନାହିଁ ।" (୨୮:୧-୩) ଏଷୌ ଆପଣା ପିତା ଇସ୍‌ହାକଙ୍କର କିଣାନ ଦେଶୀୟ କନ୍ୟାମାନଙ୍କ ପ୍ରତି ଅସନ୍ତୋଷ ଥିବାର ଦେଖି, ଅବ୍ରାହମଙ୍କ ପୌତ୍ରୀ, ନବୋୟାତର ଭଗିନୀ ମହ୍‌ଲତ ନାମ୍ନୀ କନ୍ୟାକୁ ବିବାହ କଲେ ।

ଇସ୍‌ହାକ ଚାଳିଶି ବର୍ଷ ବୟସରେ ବଥୂୟେଲର କନ୍ୟା ରିବିକାକୁ ବିବାହ କରିଥିଲେ । ଷାଠିଏ ବର୍ଷ ବୟସରେ ତାହାଙ୍କର ଜାଆଁଳା ପୁତ୍ର ଏଷୌ ଓ ଯାକୁବ ଜାତ ହୋଇଥିଲେ । ଆପଣା ପିତା ସଦୃଶ୍ୟ ଇସ୍‌ହାକ ଯଜ୍ଞବେଦି ନିର୍ମାଣ କରି ସଦାପ୍ରଭୁଙ୍କ ଠାରେ ପ୍ରାର୍ଥନା କରୁଥିଲେ । (୨୦:୨୫) ତାହାଙ୍କ ଅଭିବୃଦ୍ଧି ଓ ପ୍ରାଚୁର୍ଯ୍ୟତାରେ ପାଲେଷ୍ଟୀୟ ରାଜା ଅବିମେଲକ ଇର୍ଷାନ୍ୱିତ ହେଲେ ଏବଂ ତାହାଙ୍କ ଦାସଗଣ ସହିତ ଇସ୍‌ହାକଙ୍କ ଦାସଗଣ ମଧ୍ୟରେ ବାରମ୍ବାର ବିବାଦ ରହିଲା । ଯଦିଓ ଅବିମେଲକ ଇସ୍‌ହାକଙ୍କୁ ଘୃଣା କରୁଥିଲେ, ତଥାପି ସଦାପ୍ରଭୁଙ୍କ ହସ୍ତ ଇସ୍‌ହାକଙ୍କ ଉପରେ ଥିବାର ଜାଣି, ତାହାଙ୍କ ନିକଟକୁ ଶାନ୍ତିର ବାର୍ତ୍ତା ଘେନି ଆସିଲେ । ଆଉ ଇସ୍‌ହାକ ତାହାଙ୍କୁ ଆତିଥ୍ୟ ଦେଲେ । "ତେତେବେଳେ ଇସ୍‌ହାକ ସେମାନଙ୍କ ପାଇଁ ଭୋଜ ପ୍ରସ୍ତୁତ କରନ୍ତେ, ସେମାନେ ଭୋଜନପାନ କଲେ ।" (ଆଦି ୨୬:୩୦) । ପ୍ରେରିତ ପାଉଲ କହନ୍ତି, "...............ସମ୍ଭବ ହେଲେ, ତୁମ୍ଭର ଯେତେ ପର୍ଯ୍ୟନ୍ତ ସାଧ୍ୟ, ସମସ୍ତଙ୍କ ସହିତ ଶାନ୍ତିରେ ରୁହ.............। ଯଦି ତୁମ୍ଭର ଶତ୍ରୁ କ୍ଷୁଧିତ, ତେବେ ତାହାକୁ ଭୋଜନ କରାଅ, ଯଦି ସେ ତୃଷିତ ତାହାକୁ ପାନ କରାଅ..............." (ରୋମୀୟ ୧୨:୨୦)

ଆମ୍ଭେମାନେ ଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ କରି, ତାହାଙ୍କ ଆଜ୍ଞା ପାଳନ କଲେ, 'ଯିସ୍‌ହାକଙ୍କ ପରି ପ୍ରତିଜ୍ଞାର ସନ୍ତାନ' ହୋଇପାରିବା (ଗାଲାତୀ ୪:୨୮) । ତାହାଙ୍କ ଜୀବନ ଆମ୍ଭମାନଙ୍କ ନିମନ୍ତେ ଆଦର୍ଶମୟ ହେଉ !

**- Kabita Gootam**

❋❋❋

# ବାଦ୍ୟ ସଙ୍ଗୀତ ବିଷୟକ ପ୍ରଶ୍ନ
## (Questions about Instruments)

ଖ୍ରୀଷ୍ଟଙ୍କ ମଣ୍ଡଳୀର ଉପାସନା ସମୟରେ କାହିଁକି ବାଦ୍ୟ ସଙ୍ଗୀତ ବ୍ୟବହୃତ ନ ହୁଏ, ଅନେକଙ୍କ ମନର କୌତୁହଳ ପ୍ରଶ୍ନ । ଏହି ପ୍ରଶ୍ନ ବିଷୟରେ ବାଇବଲ କଅଣ କହେ ? ବାକ୍ୟ କହେ,"ସମସ୍ତ ବିଷୟ ପରୀକ୍ଷା କର, ଯାହା ଉତ୍ତମ ତାହା ଧରି ରଖ ।" (୧ମ ଥେସଲନୀକୀ ୫:୨୧)

### ଦାଉଦଙ୍କ ସଦୃଶ୍ୟ ?

ମୋଶାଙ୍କ ବ୍ୟବସ୍ଥାର ସମୟରେ, ଉପାସନାରେ ବାଦ୍ୟ ସଙ୍ଗୀତ ବ୍ୟବହାର କରିବା ପରମେଶ୍ୱରଙ୍କ ଆଜ୍ଞା ଥିଲା । ଈଶ୍ୱରଙ୍କ ଭାବବାଦୀ କହନ୍ତି,"ସେମାନେ ନୃତ୍ୟ କରି ତାହାଙ୍କ ନାମର ପ୍ରଶଂସା କରନ୍ତୁ, ସେମାନେ ଦାରା ଓ ବୀଣା ବଜାଇ ତାହାଙ୍କ ଉଦ୍ଦେଶ୍ୟରେ ପ୍ରଶଂସା ଗାନ କରନ୍ତୁ । (ଗୀତ ୧୪୯:୩) "ଆଉ ସେ ଦାଉଦଙ୍କର ଓ ରାଜାଙ୍କର ଦର୍ଶକ ଗାଦ୍‌ର ଓ ନାଥନ ଡବିଷ୍ୟଦ୍‌ବକ୍ତାଙ୍କର ଆଜ୍ଞାନୁସାରେ କରତାଳ ଓ ନେବଲ ଓ ବୀଣାଧାରୀ ଲେବୀୟମାନଙ୍କୁ ସଦାପ୍ରଭୁ ଆପଣା ଭବିଷ୍ୟଦ୍‌ବକ୍ତାମାନଙ୍କର ଦ୍ୱାରା ଏହି ଆଜ୍ଞା କରିଥିଲେ ।" (୨ ବଂଶାବଳୀ ୨୯:୨୫)

ପୁରାତନ ବ୍ୟବସ୍ଥା ସମୟରେ ଉପାସନାରେ ବାଦ୍ୟ ସଂଗୀତ, ପରମେଶ୍ୱର ଅନୁମତି ଦେଇଥିବାରୁ ଏବେ ଏହି ଅନୁଗ୍ରହରେ ଯୁଗରେ ଆମ୍ଭେମାନେ କି ବାଦ୍ୟ ସଂଗୀତ ବ୍ୟବହାର କରୁ ? ନୁହେଁ । କାରଣ ଯୀଶୁଖ୍ରୀଷ୍ଟଙ୍କ କ୍ରୁଶରେ ମୃତ୍ୟୁଭୋଗି ପୁରାତନ ନିୟମ ସଫଳ କରି ଲୁପ୍ତ କରିଅଛନ୍ତି । ".........ବିଧିବିଧାନରେ ଆମ୍ଭମାନଙ୍କ ବିରୁଦ୍ଧରେ ଯେଉଁ ଅଭିଯୋଗ ପତ୍ର ଥିଲା, ତାହା ସେ ଲୋପ କରି କ୍ରୁଶରେ ଟଙ୍ଗାଇଦେଇ ଆମ୍ଭମାନଙ୍କ ପଥରୁ ଦୂର କରିଦେଇଛନ୍ତି...." (କଲସୀ ୨:୧୪) । "............ଖ୍ରୀଷ୍ଟଙ୍କ ଆଗମନ ପର୍ଯ୍ୟନ୍ତ ବ୍ୟବସ୍ଥା ଆମ୍ଭମାନଙ୍କର ଶିକ୍ଷକସ୍ୱରୂପ ହୋଇଥିଲା । ......ଆମ୍ଭେମାନେ ଆଉ ସେ ଶିକ୍ଷକ ଅଧିନରେ ନାହୁଁ ।" (ଗାଲାତୀୟ ୩:୨୪-୨୫)

ପୁରାତନ ବ୍ୟବସ୍ଥାର ସମୟରେ ଅନେକ ବିଷୟ ଅନ୍ତର୍ଭୁକ୍ତ ଥିଲା । ଯେପରିକି ଉପାସନାର ସ୍ଥଳ ଅଳଙ୍କୃତ କରିବା, ପ୍ରତିଦିନ ପଶୁବଳି ଦେବା, ବିଭିନ୍ନ ପ୍ରକାର ସୁବର୍ଣ୍ଣପାତ୍ର, ପ୍ରଧାନଯାଜକ ନିମନ୍ତେ ସୁବର୍ଣ୍ଣ ଅଳଙ୍କୃତ ପୋଷାକ । ମରଣ ଶାସ୍ତି, ଶତ୍ରୁମାନଙ୍କ ଧ୍ୱଂସନ ଇତ୍ୟାଦି ।

ଗୀତ ରଚକ ୧୦ମ କୀର୍ତ୍ତନ ୧୫ମ ପଦରେ କହନ୍ତି,"ତୁମ୍ଭେ ଦୁଷ୍ଟର ବାହୁ ଭାଙ୍ଗିଦିଅ......... ଆମ୍ଭେମାନେ କି ଏପରି ପ୍ରାର୍ଥନା କରିପାରିବା ? "ପୁଣି ସେମାନଙ୍କ ହସ୍ତରେ

ଦ୍ୱିବିଧ ଖଡ୍ଗ ଥାଉ । ଗୋଷ୍ଠୀୟମାନଙ୍କ ପ୍ରତିଫଳ ଦେବା ପାଇଁ, ଜନବୃନ୍ଦଙ୍କ ଶାସ୍ତି ଦେବା ପାଇଁ ସେମାନଙ୍କ ରାଜଗଣକୁ ଶିକୁଳିରେ ଓ ସେମାନଙ୍କ ପ୍ରଧାନବର୍ଗକୁ ଲୌହବେଡ଼ିରେ ବାନ୍ଧିବା ପାଇଁ..........'' (୧୪୯:୬-୭) କିନ୍ତୁ ପ୍ରଭୁ ଆମ୍ଭମାନଙ୍କୁ କହନ୍ତି, ''..........ତୁମ୍ଭମାନଙ୍କ ଶତ୍ରୁମାନଙ୍କୁ ପ୍ରେମ କର, ପୁଣି ଯେଉଁମାନେ ତୁମ୍ଭମାନଙ୍କୁ ତାଡ଼ନା କରନ୍ତି, ସେମାନଙ୍କ ନିମନ୍ତେ ପ୍ରାର୍ଥନା କର.........।'' (ମାଥିଉ ୫:୪୪)

ରୋମୀୟ ୧୫:୪, ୧ମ କରନ୍ଥୀ ୧୦:୧୧ ଏବଂ ଦ୍ୱିତୀୟ ବିବରଣ ୫:୧-୩ ପଦଗୁଡ଼ିକରୁ ପୁରାତନ ନିୟମ ଆମ୍ଭମାନଙ୍କ ନିମନ୍ତେ ନିର୍ଦ୍ଦିଷ୍ଟ ହୋଇନାହିଁ ବୋଲି ସ୍ପଷ୍ଟ ହୁଏ ।

ପୁରାତନ ନିୟମର କେତେ ଅଂଶ ଅନୁସରଣ କରି, କେତେକ ଅଂଶ ଅବହେଳା କରିପାରୁ କି ? ନୁହେଁ । ବ୍ୟବସ୍ଥାପାଳନକାରୀମାନେ, ସମ୍ପୂର୍ଣ୍ଣ ବ୍ୟବସ୍ଥା ପାଳନ କରିବାକୁ ଦାୟୀ ଅଟନ୍ତି (ଗାଲାତୀ ୫:୩, ୫:୨-୪) । ପଶୁବଳି ତଥା ବିଶ୍ରାମଦିନରେ କାର୍ଯ୍ୟ କରିବା ବ୍ୟକ୍ତିମାନଙ୍କୁ ପ୍ରାଣଦଣ୍ଡ ପ୍ରଭୃତି ନିୟମ ପାଳନ କରିବାକୁ ଦାୟୀ ହେବୁ । ମୋଶାଙ୍କ ବ୍ୟବସ୍ଥାର ଉପରୋକ୍ତ ନିୟମଗୁଡ଼ିକ କୌଣସି ବର୍ଗର ଲୋକ ଏବେ ପାଳନ କରିବାକୁ ଇଚ୍ଛୁକ ନୁହଁନ୍ତି ।

ଆଜି, ପୁରାତନ ନିୟମ ଆମ୍ଭମାନଙ୍କର ଆଦର୍ଶ ନୁହେଁ ।

## Lesson - 2

### ଖ୍ରୀଷ୍ଟଙ୍କ ବ୍ୟବସ୍ଥା କଅଣ କହେ ?

ନୂତନ ନିୟମରେ ଖ୍ରୀଷ୍ଟଙ୍କ ବବସ୍ଥା କଅଣ କହେ ? ଖ୍ରୀଷ୍ଟଙ୍କ ମରଣରେ ନୂତନ ନିୟମ, ପୁରାତନ ନିୟମର ସ୍ଥାନ ଗ୍ରହଣ କରିଅଛି । (ଏବ୍ରୀ ୮:୬-୯, ୯:୧୫-୧୭, ୧୦:୯, ମାଥିଉ ୨୮:୧୮) । ଖ୍ରୀଷ୍ଟଙ୍କ ବାକ୍ୟ ଆମ୍ଭମାନଙ୍କର ବିଚାରକର୍ତ୍ତା (ଯୋହନ ୧୨:୪୮) । କିନ୍ତୁ ଯେଉଁ ସମୟରେ ସତ୍ୟ ଉପାସକମାନେ ଆତ୍ମାରେ ଓ ସତ୍ୟରେ ପିତାଙ୍କର ଉପାସନା କରିବେ, ସେପରି ସମୟ ଆସୁଅଛି, ପୁଣି, ବର୍ତ୍ତମାନ ସୁଦ୍ଧା ଉପସ୍ଥିତ, କାରଣ ପିତା ଏହି ପ୍ରକାର ଉପାସକ ଚାହାନ୍ତି । ଈଶ୍ୱର ଆତ୍ମା, ପୁଣି ଯେଉଁମାନେ ତାହାଙ୍କର ଉପାସନା କରନ୍ତି, ଆତ୍ମାରେ ଓ ସତ୍ୟରେ ଉପାସନା କରିବା ସେମାନଙ୍କର ଉଚିତ (ଯୋହନ ୪:୨୩-୨୪) । ଯୋହନ ୧୭:୧୭ ଅନୁଯାୟୀ ଈଶ୍ୱରଙ୍କ ବାକ୍ୟ ହିଁ ସତ୍ୟ । ଈଶ୍ୱରଙ୍କ ବାକ୍ୟାନୁଯାୟୀ ତାହାଙ୍କ ଉପାସନା କରୁ ।

ନୂତନ ନିୟମ ଆତ୍ମୀୟ ଭାବରେ ପରିପୂର୍ଣ୍ଣ । ଯୀଶୁଖ୍ରୀଷ୍ଟ ଆମ୍ଭମାନଙ୍କ ପାପ ନିମନ୍ତେ ଆପଣାକୁ ବଳି ଦେଲେ (ଏବ୍ରୀ ୭:୨୭) । ସର୍ବଜଗତର ଖ୍ରୀଷ୍ଟିୟାନମାନଙ୍କ ଦ୍ୱାରା ଈଶ୍ୱରଙ୍କ ମନ୍ଦିର ଗଠିତ ହୋଇଅଛି । (ପ୍ରେରିତ ୨୦:୭, ୧ମ କରିନ୍ଥୀ ୧୧:୨୩-୨୬) ଆମ୍ଭମାନଙ୍କ ଅଭିଷେକ, ଅସ୍ତ୍ରଶସ୍ତ୍ର, ଯୁଦ୍ଧ, ଆତ୍ମିକ ଅଟେ । (୧ମ ପିତର ୩:୩-୪, ରୋମୀୟ ୧୩:୧୪, ୨ କରିନ୍ଥୀ ୧୦:୪, ଏଫିସୀ ୬:୧୧-୧୭) ଆମ୍ଭମାନଙ୍କ ମୁଖରୁ ନିର୍ଗତ ସଂଗୀତ ମଧ୍ୟ,

ଆମ୍ଭମାନଙ୍କ ଆତ୍ମାରୁ ଆସିବା ଆବଶ୍ୟକ ।

**ଏଫିସୀ ୫:୧୮-୨୦ :-** "ଆଉ ଦ୍ରାକ୍ଷାରସରେ ମତ୍ତ ନ ହୁଅ, ସେଥିରୁ ତ ଅତ୍ୟାଚାର ଜନ୍ମେ, ମାତ୍ର ଆତ୍ମାରେ ପୂର୍ଣ୍ଣ ହୋଇ ଗୀତ, ସ୍ତୋତ୍ର ଓ ଆଧ୍ୟାତ୍ମିକ ସଂକୀର୍ତ୍ତନ ଦ୍ୱାରା ପରସ୍ପରକୁ ଉତ୍ସାହ ଦିଅ, ପୁଣି ତୁମ୍ଭମାନଙ୍କର ହୃଦୟରେ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ସଂକୀର୍ତ୍ତନ ଓ ଗୀତ ଗାନ କର । ସର୍ବଦା ସର୍ବ ବିଷୟ ନିମନ୍ତେ ଆମ୍ଭମାନଙ୍କ ପ୍ରଭୁଯୀଶୁଖ୍ରୀଷ୍ଟଙ୍କ ନାମରେ ପିତା ଈଶ୍ୱରଙ୍କୁ ଧନ୍ୟବାଦ ଦିଅ ।"

ଦ୍ରାକ୍ଷାରସରେ ମତ୍ତ, ଗୀତ, ନା ଓ ପ୍ରତିମାମାନଙ୍କ ପ୍ରଶଂସା ବିଜାତୀୟମାନଙ୍କ ଉପାସନାରେ ଅନ୍ତର୍ଗତ ଥିଲା । କିନ୍ତୁ ଖ୍ରୀଷ୍ଟିୟାନ ସ୍ତୋତ୍ର ଓ ଆଧ୍ୟାତ୍ମିକ ସଂକୀର୍ତ୍ତନ ଦ୍ୱାରା ପରସ୍ପର ଉତ୍ସାହ ଦେଉଁ ।

**କଲସୀ ୩:୧୬ :-** "ଖ୍ରୀଷ୍ଟଙ୍କ ବାକ୍ୟ ଧ୍ୟାନ କରି ତଦନୁଯାୟୀ ଚାଲିଲେ ତାହାଙ୍କ ପ୍ରତିଜ୍ଞାନୁଯାୟୀ ଆମ୍ଭେମାନେ ଆତ୍ମାଙ୍କ ଦ୍ୱାରା ପରିପୂର୍ଣ୍ଣ ହୋଇଥାଉ । (ଏଫିସୀ ୫ମ ପଦ) (କଲସୀ ୩:୧୭, ୨ ତୀମଥି ୧:୧୩, ୨:୧୫, ରୋମୀୟ ୧୦:୧୭, ୮:୧୪, ଗାଲାତୀ ୫:୨୫) ଆତ୍ମା ଆମ୍ଭମାନଙ୍କ କୀର୍ତ୍ତନ ଓ ଗତିବିଧି ନିୟନ୍ତ୍ରଣ କରନ୍ତି ।"

**ଏବ୍ରୀ ୧୩ :-** "ଏଣୁ ଆସ, ତାହାଙ୍କ ଦ୍ୱାରା ଆମ୍ଭେମାନେ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ପ୍ରଶଂସାରୂପ ବଳି, ଅର୍ଥାତ୍ ତାହାଙ୍କ ନାମ ସ୍ୱୀକାରକାରୀ ଓଷ୍ଠାଧାରର ଫଳ ନିତ୍ୟ ଉତ୍ସର୍ଗ କରୁ ।" (ଏବ୍ରୀ ୧୩:୧୫) ଆସ ଆମ୍ଭେମାନେ ଆମ୍ଭମାନଙ୍କ ଅଙ୍ଗୁଳିଦ୍ୱାରା ନୁହେଁ, କିନ୍ତୁ ଓଷ୍ଠାଧାର ଦ୍ୱାରା ତାହାଙ୍କ ପ୍ରଶଂସାରୂପ ବଳି ଉତ୍ସର୍ଗ କରୁ ।

**ଯାକୁବ ୫:୧୩:-** "..........କେହି କଅଣ ଆନନ୍ଦିତ ଅଟେ ? ସେ ଗୀତ ଗାନ କରୁ ।" ଜୀବନର ପ୍ରତ୍ୟେକ ଉତ୍ତମ ଦାନର କର୍ତ୍ତାଙ୍କୁ ଆମ୍ଭେମାନେ କୃତଜ୍ଞତା ଅର୍ପଣ କରୁ ।" (ଯାକୁବ ୧:୧୭)

**୧ମ କରିନ୍ଥୀ ୪:୧୫ :-** "..............ଆତ୍ମାଙ୍କ ଦ୍ୱାରା ସ୍ତୁତିଗାନ କରିବି, ପୁଣି ବୁଦ୍ଧି ସହିତ ମଧ୍ୟ ସ୍ତୁତିଗାନ କରିବି ।" ଗୀତ ଓ କୀର୍ତ୍ତନ ଦ୍ୱାରା ଆମ୍ଭେମାନେ ଏକକୁ ଆରେକ ଉତ୍ସାହିତ କରୁଥିବାରୁ (ଏଫିସୀ ୫:୧୯) ଆମ୍ଭେମାନେ ଗାଇବା ଗୀତ ଅନ୍ୟମାନେ ବୁଝିପାରନ୍ତୁ । ଯେହେତୁ ବାକ୍ୟ କହେ, ".........ତୁମ୍ଭେମାନେ ସମବେତ ହେବା ସମୟରେ ଗୀତ ବା ଶିକ୍ଷା ବା ପ୍ରକାଶିତ ବାକ୍ୟ ବା ପରିଭାଷା, ବା ଭାଷାର ଅର୍ଥ, ଏପରି ପ୍ରତ୍ୟେକର କିଛି ନା କିଛି ଅଛି, ସମସ୍ତ ବିଷୟ ନିଷ୍ଠା ନିମନ୍ତେ କରାଯାଉ ।" ଅବୁଝା ଅନର୍ଥକ ଶବ୍ଦ ଶ୍ରୋତାମାନଙ୍କ ନିଷ୍ଠା ଜନ୍ମାଏ ନାହିଁ । "................ତୁମ୍ଭେମାନେ ଯଦି ଜିହ୍ୱା ଦ୍ୱାରା ସହଜ ବୋଧଗମ୍ୟ କଥା ନ କୁହ, ତେବେ କଅଣ କହୁଅଛ, ତାହା କିପରି ଜଣାଯିବ ? କାରଣ ତୁମ୍ଭେମାନେ ଶୂନ୍ୟକୁ କହିବା ପରି ହେବ ।" (୧ମ କରିନ୍ଥୀ ୧୪:୯) ବାଦ୍ୟଯନ୍ତ୍ରର ଶବ୍ଦ

ଶୂନ୍ୟରେ ଶୁଭେ, କିନ୍ତୁ ହୃଦୟ ସ୍ପର୍ଶ କରେ ନାହିଁ ।

**ପ୍ରକାଶିତ ୫:୮ :-** "ସେ ପୁସ୍ତକ ନିଅନ୍ତେ ସେହି ଚାରି ପ୍ରାଣୀ ଓ ଚବିଶ ପ୍ରାଚୀନ ମେଷଶାବକଙ୍କ ସମ୍ମୁଖରେ ଉବୁଡ଼ି ହୋଇପଡ଼ିଲେ, ସେମାନଙ୍କ ପ୍ରତ୍ୟେକର ହସ୍ତରେ ବୀଣା ଓ ସାଧୁମାନଙ୍କ ପ୍ରାର୍ଥନାରୂପ ଧୂପରେ ପରିପୂର୍ଣ୍ଣ ସୁବର୍ଣ୍ଣ ପାତ୍ର ଥିଲା । ଏଠାରେ ବର୍ଣ୍ଣିତ ଦୃଶ୍ୟରେ ସାଧୁମାନଙ୍କ ହସ୍ତରେ ବୀଣାଥିବାରୁ, ଆମ୍ଭେମାନେ ଉପାସନାରେ ବୀଣା ବ୍ୟବହାର କରିବା ଯୁକ୍ତିଯୁକ୍ତ କି ? 'ପ୍ରକାଶିତ ବାକ୍ୟ' ପୁସ୍ତକରେ ଅନେକ ରୂପକ ଭାଷା ବ୍ୟବହୃତ ହୋଇଅଛି । ଉଦାହରଣ ସ୍ୱରୂପ - 'ଧୂପ'ର ଅର୍ଥ ପ୍ରାର୍ଥନା । ଏହି ପୁସ୍ତକରେ ଅଶ୍ୱ, ଚକ୍ଷୁରେ ପରିପୂର୍ଣ୍ଣ ଚାରିପ୍ରାଣୀ, ସୁବର୍ଣ୍ଣ ମୁକୁଟ, ସୁବର୍ଣ୍ଣ ପଥ, ଇତ୍ୟାଦିର ଉଲ୍ଲେଖ କରାଯାଇଅଛି । ଏହିସବୁ କି ଆମ୍ଭେମାନେ ଉପାସନାରେ ବ୍ୟବହାର କରୁଅଛୁ ?

ସ୍ୱର୍ଗ, ପୃଥିବୀ ଠାରୁ ଭିନ୍ନ । ଆଜି ଜଗତରେ ବିବାହ ସମସ୍ତଙ୍କ ମଧ୍ୟରେ ଆଦରଣୀୟ, କିନ୍ତୁ "ପୁନଃରୁଥାନରେ ଲୋକେ ବିବାହ କରନ୍ତି ନାହିଁ କିମ୍ବା ବିବାହିତ ହୁଅନ୍ତି ନାହିଁ, କିନ୍ତୁ ସ୍ୱର୍ଗସ୍ଥ ଦୂତମାନଙ୍କ ପରି ରୁହନ୍ତି ।" (ମାଥିଉ ୨୨:୩୦) ସ୍ୱର୍ଗରେ ବୀଣା ବ୍ୟବହୃତ ହେଉଥିବାରୁ ଏବେ ଆମ୍ଭେମାନେ ଉପାସନାରେ ବୀଣା ବ୍ୟବହୃତ ନ କରୁ ।

## ନୂତନ ନିୟମରେ ଆରାଧନାରେ ବାଦ୍ୟ ସଂଗୀତ ବ୍ୟବହାର କରିବାକୁ ଅନୁମତି ଦିଆଯାଇଅଛି କି ? ନୁହେଁ

ଯୀଶୁ ତାହାଙ୍କ ଶିଷ୍ୟମାନଙ୍କୁ କହିଲେ,"...........ସେ ଅର୍ଥାତ୍ ସତ୍ୟମୟ ଆତ୍ମା ଆସିଲେ ସେ ପଥ ଦେଖାଇ ତୁମ୍ଭମାନଙ୍କୁ ସମସ୍ତ ସତ୍ୟରେ ପ୍ରବେଶ କରାଇବେ..........." (ଯୋହନ ୧୬:୧୩) ସେ ଆପଣା ପ୍ରତିଜ୍ଞା ସଫଳ କରିଅଛନ୍ତି । (୨ ପିତର ୧:୩) ପ୍ରଥମ ଶତାବ୍ଦୀରେ ଖ୍ରୀଷ୍ଟଙ୍କ ଶିଷ୍ୟଗଣ ସଂପୂର୍ଣ୍ଣ ସୁସମାଚାର ପ୍ରଚାର କରିଥିଲେ । "......ସାଧୁମାନଙ୍କ ନିକଟରେ ଏକାଥରକେ ସମର୍ପିତ ବିଶ୍ୱାସ.............." (ଯିହୂଦା ୩ ପଦ) ନୂତନ ନିୟମରେ ଯଦି କୌଣସି ପ୍ରେରିତ ବା ଭାବବାଦୀ ବାଦ୍ୟ ସଂଗୀତ ବ୍ୟବହାର କରିବା ନିମନ୍ତେ ଅନୁମତି ଦେଇଥାନ୍ତେ, ତେବେ ଆମ୍ଭେମାନେ ବ୍ୟବହାର କରିବାରେ ଦୋଷ ନଥାନ୍ତା । ନୂତନ ନିୟମ ସଂପୂର୍ଣ୍ଣ ହେବା ସମୟରେ କୌଣସି ଜଣେ ଭାବବାଦୀ ମଧ୍ୟ, ଆରାଧନାରେ ବାଦ୍ୟ ସଂଗୀତ ବ୍ୟବହାର କରିବାକୁ ଅନୁମତି ଦେଇନାହାନ୍ତି ।

## ମୌନ କି ସମ୍ମତି ପ୍ରଦାନ ?

ନୂତନ ନିୟମରେ ବାଦ୍ୟ ସଂଗୀତ ବିଷୟରେ ମୌନ ରହୁଥିବାରୁ, ତାହା ବ୍ୟବହାର କରିବା କି ଯୁକ୍ତିଯୁକ୍ତ ? ସଦାପ୍ରଭୁ ନୋହଙ୍କୁ ଗୋଫର କାଷ୍ଠରେ ଜାହାଜ ନିର୍ମାଣ କରିବାକୁ

ଆଜ୍ଞା ଦେଇଥିଲେ (ଆଦି ୬:୧୪) । Teak, Pine, Oak ବା ଚନ୍ଦନ କାଠ ବ୍ୟବହାର ନ କର ବୋଲି କହିବା କି ଆବଶ୍ୟକ ? ସେ ଆପଣା ଇଚ୍ଛା ପ୍ରକାଶ କରିଥିବାରୁ, ଅନ୍ୟ ବିଷୟଗୁଡ଼ିକ ତାହାଙ୍କ ଇଚ୍ଛା ବିରୁଦ୍ଧ ବୋଲି ଆମେ ଜାଣୁ ।

ସଦାପ୍ରଭୁ, ଭାତ ବା କଦଳୀ ପ୍ରଭୁଭୋଜରେ ବ୍ୟବହାର କରିବା ନିମନ୍ତେ ବାରଣ କରିନଥିବାରୁ, ସେଗୁଡ଼ିକ କି ଆମେ ଆରାଧନାରେ ବ୍ୟବହାର କରୁ ? ଆସ ଆମ୍ଭେମାନେ ସଦାପ୍ରଭୁଙ୍କ ଆଜ୍ଞାନୁସାରେ ଆରାଧନା କରୁ, ଆପଣା ସ୍ୱଇଚ୍ଛାରେ ନୁହେଁ ।

ସ୍ୱର୍ଗାରୋହଣ ପୂର୍ବେ ପ୍ରଭୁଯୀଶୁ ଆପଣା ଶିଷ୍ୟମାନଙ୍କୁ କହିଲେ, "ମୁଁ ତୁମ୍ଭମାନଙ୍କୁ ଯେଉଁ ଯେଉଁ ଆଜ୍ଞା ଦେଇଅଛି, ସେହିସବୁ ପାଳନ କରିବାକୁ ଶିକ୍ଷା ଦେଇ ସେମାନଙ୍କୁ ଶିଷ୍ୟ କର..........." (ମାଥିଉ ୨୮:୧୯-୨୦) "ମୋତେ ପ୍ରଭୁ ପ୍ରଭୁ ବୋଲି ଡାକନ୍ତି, ଏପରି ପ୍ରତ୍ୟେକେ ସ୍ୱର୍ଗରାଜ୍ୟରେ ପ୍ରବେଶ କରିବେ ନାହିଁ, ମାତ୍ର ଯେ ମୋହର ସ୍ୱର୍ଗସ୍ଥ ପିତାଙ୍କ ଇଚ୍ଛା ସାଧନ କରେ, ସେ ପ୍ରବେଶ କରିବ ।" (ମାଥିଉ ୭:୨୧, ଲୂକ ୬:୪୬) ଯଦି ଆମ୍ଭେମାନେ ଈଶ୍ୱରଙ୍କ ଇଚ୍ଛା ପାଳନ କରି, ସ୍ୱଇଚ୍ଛାନୁଯାୟୀ ତାହାଙ୍କ ଆରାଧନା କରୁ, ଆମ୍ଭମାନଙ୍କ ଆରାଧନା ବୃଥା । (ମାଥିଉ ୧୫:୯) "ଯେକେହି ଖ୍ରୀଷ୍ଟଙ୍କ ଶିକ୍ଷାର ସୀମା ମଧ୍ୟରେ ନ ରହି ତାହା ଅତିକ୍ରମ କରେ, ସେ ଈଶ୍ୱରଙ୍କୁ ପାଇନାହିଁ, ଯେ ଶିକ୍ଷାର ସୀମା ମଧ୍ୟରେ ରହେ, ସେ ପିତା ଓ ପୁତ୍ରଙ୍କୁ ପାଇଅଛି ।" (୨ ଯୋହନ ୯, ଲେବୀ ୧୦:୧-୨, ଦ୍ୱି:ବି ୧୨:୩୨, ୧ମ ଶାମୁୟେଲ ୧୫:୨୨, ହିତ ୩୦:୫୬, ଗାଲାତୀ ୧:୬-୧୦, ପ୍ରକାଶିତ ୨୨:୧୮-୧୯)

ଆମ୍ଭେମାନେ ସଦାପ୍ରଭୁଙ୍କୁ କିପରି ଆରାଧନା କରିବା ଆବଶ୍ୟକ ସେ ତାହା ଅପ୍ରକାଶିତ କରିନାହାନ୍ତି । ଆମ୍ଭେମାନେ ଗୀତ ଗାଉ, ପ୍ରାର୍ଥନା କରୁ, ଚାନ୍ଦା ଦେଉ, ପ୍ରଭୁଭୋଜରେ ଭାଗୀ ହୋଇ ତାହାଙ୍କ ବାକ୍ୟ ଶ୍ରବଣ କରୁ, କାରଣ ସେ ଏପ୍ରକାର କରିବା ନିମନ୍ତେ ଆଜ୍ଞା ଦେଇଅଛନ୍ତି ଏବଂ ଆମ୍ଭେମାନେ ଆରାଧନାରେ ବାଦ୍ୟ ସଂଗୀତ ବ୍ୟବହାର ନ କରୁ, କାରଣ ତାହା ସେ ଆଜ୍ଞା କରିନାହାନ୍ତି ।

## ଆରାଧନାରେ ବିବାଦ ?

ଆରାଧନାରେ ଆମେ କି ଆମୋଦପ୍ରମୋଦ ଖୋଜୁଛୁ ? ଆମ୍ଭେମାନେ ଶାରୀରିକ ପ୍ରମୋଦ ଓ ଆତ୍ମିକ ଆନନ୍ଦରେ ଅନେକ ସମୟରେ ପ୍ରଭେଦ ଜାଣିପାରିନଥାଉ, ଅନେକ ଦୃଶ୍ୟ ଓ ଅର୍ଥ ଆମ୍ଭମାନଙ୍କୁ ପ୍ରଲୋଭିତ କରିଥାଏ । ଲେଖାଯାଏ, "ଆନନ୍ଦିତ ହୃଦୟ ଉତ୍ତମ ଔଷଧ, ମାତ୍ର ଭଗ୍ନ ଆତ୍ମା ଅସ୍ଥିସବୁକୁ ଶୁଷ୍କ କରେ ।" (ହିତ ୧୭:୨୨) କିନ୍ତୁ ଆମ୍ଭେମାନେ "..........ଈଶ୍ୱରଙ୍କ ପ୍ରିୟ ନହୋଇ ବରଂ ବିଳାସପ୍ରିୟ............" ହୋଇଥାଉ । ଆମ୍ଭମାନଙ୍କ ଭାବନା ଓ କଳ୍ପନା ଆମ୍ଭମାନଙ୍କ ପଥ ପ୍ରଦର୍ଶକ ନ ହେଉ (ଯିରିମିୟ ୧୦:୨୩) । ଆମ୍ଭେମାନେ

ଦୃଶ୍ୟ ବିଷୟ ଦେଇ ଜୀବନ ଯାପନ ନ କରି ବିଶ୍ୱାସରେ ଜୀବନଯାପନ କରୁଅଛୁ ? (୨ କରନ୍ଥୀ ୧୦:୧୭) ବାଦ୍ୟ ସଂଗୀତର ବ୍ୟବହାର ବିଷୟରେ ବାଇବଲରେ ଈଶ୍ୱରଙ୍କ ଲିଖିତ ହୋଇନଥିବାରୁ, ତାହା ବିଶ୍ୱାସରୁ ଜାତ ନୁହେଁ । ଯାହା ବିଶ୍ୱାସରୁ ଜାତ ନୁହେଁ, ତାହା ପାପ ଅଟେ ବୋଲି ଆମ୍ଭେମାନେ ରୋମୀୟ ୧୪:୨୩ରେ ପଢ଼ିଥାଉଁ ।

ଆମ୍ଭମାନଙ୍କ ଆରାଧନାର ଶ୍ରୋତା କିଏ ? ନିଜେ ପିତା ପରମେଶ୍ୱର ! ତାହାଙ୍କ ଉପାସନାରେ ତାହାଙ୍କ ବାକ୍ୟ ପାଳନ କରୁ ! "ମୁଁ କି ଏବେ ମନୁଷ୍ୟମାନଙ୍କର କିମ୍ବା ଈଶ୍ୱରଙ୍କର ପ୍ରିୟପାତ୍ର ହେବାକୁ ଯତ୍ନ କରୁଅଛି । ଅବା ମନୁଷ୍ୟମାନଙ୍କୁ କି ସନ୍ତୁଷ୍ଟ କରିବାକୁ ଚେଷ୍ଟା କରୁଅଛି ? ଯଦି ମୁଁ ଏବେ ସୁଦ୍ଧା ମନୁଷ୍ୟମାନଙ୍କୁ ସନ୍ତୁଷ୍ଟ କରୁଥାଆନ୍ତି, ତେବେ ମୁଁ ଖ୍ରୀଷ୍ଟଙ୍କର ଦାସ ହୁଅନ୍ତି ନାହିଁ ।" (ଗାଲାତୀ ୧:୧୦) ଆପଣ ବାଦ୍ୟ ସଂଗୀତ, ବ୍ୟାୟାମ ବା ଯାଦୁରେ ଆକର୍ଷିତ ହୋଇପାରନ୍ତି, କିନ୍ତୁ ତା'ଦ୍ୱାରା ପରମେଶ୍ୱରଙ୍କ ଆରାଧନା କରିବା ହାସ୍ୟସ୍ପଦର ବିଷୟ ! (୨ ତୀମଥି ୪:୨-୪) ଆରାଧନାରେ କରୁଥିବା ବିଷୟ ଆମ୍ଭମାନଙ୍କ ଶ୍ରୁତିମଧୁର ନିମନ୍ତେ ନହୋଇ, ପରମେଶ୍ୱରଙ୍କ ଶ୍ରୁତିମଧୁର ହେଉ ! ବିଶ୍ୱାସରେ ପ୍ରଚାରିତ ବାକ୍ୟ ଓ ସମ୍ମିଳିତ ସୁମଧୁର ସ୍ୱରରେ ଗାୟନ, ପ୍ରତ୍ୟେକ ଖ୍ରୀଷ୍ଟିୟାନର ଆନନ୍ଦଦାୟକ ଅଟେ ।

## ବାଦ୍ୟ ସଂଗୀତରେ ଆପଣ କି ନିପୁଣତା ମୂଲ୍ୟହୀନ ? ନୁହେଁ

କିନ୍ତୁ ଆପଣଙ୍କ ନିପୁଣତା ଦ୍ୱାରା ଆପଣ ଆରାଧନାରେ ନୁହେଁ, କିନ୍ତୁ ଅନ୍ୟସ୍ଥାନରେ ଅନ୍ୟମାନଙ୍କୁ ଆମୋଦ ନିମନ୍ତେ ବଜାଇପାରିବେ ।

## ମୋହର ବାଦ୍ୟଯନ୍ତ୍ର ନା ମୋହର ଭ୍ରାତା ?

ବିଭାଜନ ପରମେଶ୍ୱରଙ୍କ ଘୃଣ୍ୟ ବିଷୟ ! ଯୀଶୁଖ୍ରୀଷ୍ଟ ଏକତା ନିମନ୍ତେ ପ୍ରାର୍ଥନା କରିଥିଲେ । (ଯୋହନ ୧୭:୨୦-୨୧) ଏକତା ନିମନ୍ତେ ମୃତ୍ୟୁ ଭୋଗିଲେ (ଏଫିସୀ ୨:୧୬) ଏକତାରେ ରହିବାକୁ ଅନୁରୋଧ କରିଥିଲେ । (୧ମ କରିନ୍ଥୀ ୧:୧୦) ବାଦ୍ୟସଂଗୀତ ବିଭାଜନ ଆଣେ । ଜଣେ ମନୁଷ୍ୟ, ବାଦ୍ୟ ସଂଗୀତ ବ୍ୟବହାର କରିବା କ୍ଷତିକାରକ ନୁହେଁ ବୋଲି ମନେ କରେ ଏବଂ ଅନ୍ୟ ଭାଇ କ୍ଷତିକାରକ ବୋଲି ମନେ କରେ । ପରସ୍ପରର ମତଭେଦ ଦ୍ୱାରା ମଣ୍ଡଳୀ ବିଭକ୍ତ ହୁଏ । ଯେଉଁ ଭାଇ ନିମନ୍ତେ ଖ୍ରୀଷ୍ଟ ମୃତ୍ୟୁ ଭୋଗିଲେ, ଏପରି ମତଭେଦ ଦ୍ୱାରା ତାହାକୁ ବିନାଶ ନ କରୁ ! (ରୋମୀୟ ୧୪:୧୫-୨୩)

ଆମୋଷ ୧:୧-୬ ପଦଗୁଡ଼ିକରେ ମନୁଷ୍ୟର ସ୍ୱାର୍ଥପରତା ବିଷୟରେ ପ୍ରକଟନ କରାଯାଇଅଛି । "............ସେମାନେ ସନ୍ତାପର ପାତ୍ର........... (ଯେଉଁମାନେ) ନେବଲ ଯନ୍ତ୍ରରେ ଅନର୍ଥକ ଗୀତ ଗାନ କରନ୍ତି, ଦାଉଦର ନ୍ୟାୟ ଆପଣାମାନଙ୍କ ନିମନ୍ତେ ନାନା ବାଦ୍ୟଯନ୍ତ୍ର ନିର୍ମାଣ କରନ୍ତି............ମାତ୍ର ଯୋସେଫର କ୍ଳେଶରେ ସେମାନେ ଦୁଃଖିତ ହୁଅନ୍ତି

ନାହିଁ।'' (ଆମୋଷ ୬:୧-୬) ଯୋସେଫଙ୍କ ଭାଇମାନେ, ଗର୍ତ୍ତରୁ ତାହାଙ୍କ ଆର୍ତ୍ତନାଦ ଭୃକ୍ଷେପ ନକରି ଭଜନ ପାନରେ ଆପଣା ଆପଣାକୁ ଆନନ୍ଦିତ କରିଥିଲେ । ଠିକ୍ ସେହିପରି ଆମୋଷଙ୍କ ସମୟରେ ପ୍ରଜାମାନେ ଈଶ୍ୱରଙ୍କ ଇଚ୍ଛାପାଳନ ଠାରୁ ଅଧିକଭାବେ ଆପଣା ଆପଣା ଆମୋଦପ୍ରମୋଦରେ ଆସକ୍ତ ହୋଇଥିଲେ (ଆମୋଷ ୬) ଆପଣା ଭାଇଠାରୁ କି ଅଧିକଭାବେ ବାଦ୍ୟସଂଗୀତକୁ ଆମେ ପ୍ରେମ କରୁଛୁ ?

ବାଦ୍ୟ ସଂଗୀତ ବିନା ଗୀତ ଗାଇବା ଅଧିକାଂଶଙ୍କ ଅଭିଳାଷ । କାରାଗାରରେ ''...........ପ୍ରାୟ ମଧ୍ୟରାତ୍ରରେ ପାଉଲ ଓ ଶୀଲା ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା ଓ ସ୍ତବଗାନ କରୁଥିଲେ, ଆଉ ବନ୍ଦୀମାନେ ଶୁଣୁଥିଲେ।'' (ପ୍ରେରିତ ୧୬:୨୫) ମନୁଷ୍ୟ ଯୋଗ କରିଥିବା ଏହି କାର୍ଯ୍ୟରୁ ଆମେ ପରିତ୍ୟାଗ କରି, ଏକତା ସହ ପ୍ରଭୁଙ୍କ ନିକଟକୁ ଆଗେଇ ଯାଉ । ପରମେଶ୍ୱରଙ୍କୁ ତୁଷ୍ଟ କରିବା କେତେ ଉତ୍ତମ ବିଷୟ !

**- Royce Fredrick (IGT)**

❋❋❋

# ସର୍ବଶ୍ରେଷ୍ଠ ନାମ
## (The Greatest Name)

ଯୀଶୁଖ୍ରୀଷ୍ଟ ବିଶ୍ୱସ୍ତ, ସତ୍ୟ ଓ ଧାର୍ମିକ ବିଚାରକର୍ତ୍ତା ଅଟନ୍ତି । ସେ ପ୍ରଭୁମାନଙ୍କ ପ୍ରଭୁ ଓ ରାଜାମାନଙ୍କ ରାଜା । (ପ୍ରକାଶିତ ୧୯:୧୧-୨୬) ସୁନ୍ଦର ନାମକ ଦ୍ୱାର ନିକଟରେ ପିତର ଏକ ମାତୃଗର୍ଭରୁ ଖଞ୍ଜବ୍ୟକ୍ତିଙ୍କୁ ସୁସ୍ଥ କରିଥିବାରୁ, ଯାଜକ ଓ ସାଦୂକୀମାନେ ପିତରଙ୍କୁ ପଚାରିଲେ,''କି ଶକ୍ତିରେ ବା କେଉଁ ନାମରେ ତୁମ୍ଭେମାନେ ଏହା କରିଅଛ ? ସେଥିରେ ପିତର ପବିତ୍ର ଆତ୍ମାରେ ପୂର୍ଣ୍ଣ ହୋଇସେମାନଙ୍କୁ କହିଲେ,...........ଯେଉଁ ନାଜରିତୀୟ ଯୀଶୁଖ୍ରୀଷ୍ଟଙ୍କୁ ଆପଣମାନେ କ୍ରୁଶରେ ବଧ କରିଅଛନ୍ତି, ଯାହାଙ୍କୁ ଈଶ୍ୱର ମୃତମାନଙ୍କ ମଧ୍ୟରୁ ଉଠାଇ ଅଛନ୍ତି, ତାହାଙ୍କ ନାମରେ, ହିଁ, ତାହାଙ୍କ ଦ୍ୱାରା ଏହି ଲୋକଟି ସୁସ୍ଥ ହୋଇ ଆପଣମାନଙ୍କ ସାକ୍ଷାତରେ ଠିଆ ହୋଇଅଛି । ...........ତାହାଙ୍କ ଛଡ଼ା ଆଉ କାହାଠାରେ ପରିତ୍ରାଣ ନାହିଁ, କାରଣ ଯାହା ଦ୍ୱାରା ଆମ୍ଭମାନଙ୍କୁ ପରିତ୍ରାଣ ପାଇବାକୁ ହେବ, ଆକାଶ ତଳେ ମନୁଷ୍ୟମାନଙ୍କ ମଧ୍ୟରେ ଆଉ କୌଣସି ନାମ ଦିଆଯାଇନାହିଁ।'' (ପ୍ରେରିତ ୪:୮-୧୨)

ଯୀଶୁଖ୍ରୀଷ୍ଟଙ୍କ ବିଷୟରେ ପ୍ରେରିତ ପାଉଲ ଫିଲିପୀୟ ମଣ୍ଡଳୀକୁ ଲେଖନ୍ତି,''ଈଶ୍ୱର ତାହାଙ୍କୁ ଅତିଶୟ ଉନ୍ନତ କରିଅଛନ୍ତି, ପୁଣି ସମସ୍ତ ନାମ ପେକ୍ଷା ସର୍ବୋତ୍କୃଷ୍ଟ ନାମ ତାହାଙ୍କୁ

ପ୍ରଦାନ କରିଅଛନ୍ତି । ଯେପରି ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳରେ ଥିବା ପ୍ରତ୍ୟେକ ଜାନୁ ଯୀଶୁଙ୍କ ନାମରେ ନତ ହେବ । ପୁଣି, ପିତା ଈଶ୍ୱରଙ୍କ ଗୌରବ ନିମନ୍ତେ ପ୍ରତ୍ୟେକ ଜିହ୍ୱା ଯୀଶୁଖ୍ରୀଷ୍ଟଙ୍କୁ ପ୍ରଭୁ ବୋଲି ସ୍ୱୀକାର କରିବ ।'' (ଫିଲିପି ୨:୯-୧୧)

"........ପ୍ରତ୍ୟେକ ଜାନୁ ଆମ୍ଭ ଛାମୁରେ ନତ ହେବ, ଆଉ ପ୍ରତ୍ୟେକ ଜିହ୍ୱା ଆମ୍ଭ ଛାମୁରେ ନତ ହେବ, ଆଉ ପ୍ରତ୍ୟେକ ଜିହ୍ୱା ଈଶ୍ୱରଙ୍କ ପ୍ରଶଂସା କରିବ । ଅତଏବ, ଆମ୍ଭମାନଙ୍କର ପ୍ରତ୍ୟେକ ଜଣକୁ ଈଶ୍ୱରଙ୍କ ଛାମୁରେ ନିଜ ନିଜର ହିସାବ ଦେବାକୁ ହେବ ।'' ବୋଲି ଆମ୍ଭେମାନେ ରୋମୀୟ ୧୪:୧୧-୧୨ ପଦରେ ପଢ଼ିଥାଉଁ । ସମୟ ଥାଉ ଥାଉ, ଏହି ଜୀବନ କାଳରେ ପରମେଶ୍ୱରଙ୍କ ଆଜ୍ଞାବହ ହେଉ, ନଚେତ୍ ବିଚାରଦିନରେ ଆମେମାନେ ତାହାଙ୍କ ଛାମୁରେ ନତ ହେବାକୁ ବାଧ କରାଯିବୁ । ଆଜି ତାହାଙ୍କ ନାମର ସ୍ୱୀକାର କର, ତାହାଙ୍କ ନାମରେ ଆଜ୍ଞାବହ ହେବା ଦ୍ୱାରା ଆମ୍ଭେମାନେ ଅନନ୍ତ ଜୀବନ ପାଇପାରିବୁ ।

ଆଜିକାଲି ଅନେକ ଅକାରଣରେ ପରମେଶ୍ୱରଙ୍କ ନାମ ନିଅନ୍ତି । ଏଷୌ ଯେପରି ଆପଣା ଜ୍ୟେଷ୍ଠାଧିକାରକୁ ଲଘୁଜ୍ଞାନ କରିଥିଲା । ଅନେକ ପରମେଶ୍ୱରଙ୍କ ଗୌରବମୟ ନାମକୁ ଲଘୁଜ୍ଞାନ କରନ୍ତି । ଯାତ୍ରାପୁସ୍ତକ ୨୦:୭ ଓ ଦ୍ୱି. ବିବରଣ ୫:୧୧ରେ ସଦାପ୍ରଭୁ କହନ୍ତି, "ତୁମ୍ଭେମାନେ ସଦାପ୍ରଭୁଙ୍କ ନାମ ମିଥ୍ୟାରେ ନେବ ନାହିଁ, ଯେହେତୁ ଯେକେହି ତାହାଙ୍କର ନାମ ମିଥ୍ୟାରେ ନିଏ, ସଦାପ୍ରଭୁ ତାହାକୁ ନିରପରାଧ ଗଣନା କରିବେ ନାହିଁ ।

ଅର୍ଥାତ୍ ଯେଉଁମାନେ ମିଥ୍ୟାରେ ପରମେଶ୍ୱରଙ୍କ ନାମ ନିଅନ୍ତି ସେମାନେ ସମସ୍ତେ ଦଣ୍ଡିତ ହେବେ, ଆପଣଙ୍କ ଦୁଃଖକଷ୍ଟ ଓ ଦୁର୍ଦ୍ଦଶାର ପରିଣାମ, ପରମେଶ୍ୱରଙ୍କ ଗୌରବମୟ ନାମ ଅକାରଣରେ ନେବାର ପ୍ରତିଫଳ । ଇସ୍ରାଏଲ ଜାତିକୁ ପ୍ରାନ୍ତରରେ ପରମେଶ୍ୱର ଯେପରି ଶାସ୍ତି ଦେଇଥିଲେ, ଆଜି ମଧ୍ୟ ସେ ଆପଣା ଅବାଧ ସନ୍ତାନମାନଙ୍କୁ ଶାସ୍ତି ଦିଅନ୍ତି (୧ ଗଣନା ୧୪:୨୯) ତତ୍‌ପରେ ଇସ୍ରାଏଲୀୟମାନେ କିଣାନ ଦେଶରେ ମୂର୍ତ୍ତିପୂଜାରେ ଆସକ୍ତ ହେବାରୁ, ୭୦ ବର୍ଷ ବାବିଲର ବନ୍ଦୀତ୍ୱରେ ସଦାପ୍ରଭୁ ସେମାନଙ୍କୁ ସମର୍ପଣ କରିଥିଲେ । (ଯିହିଜିକଲ ୨୦:୩୫-୩୮, ୨୨:୧-୨୨ ଯିରିମିୟ ୫୨:୧୨) ଗୌରବମୟ ସଦାପ୍ରଭୁଙ୍କ ନାମର ସମ୍ମାନ ନ କରିବାର ପ୍ରତିଫଳ ସେମାନେ ଭୋଗିଥିଲେ ।

ଆମର ଆଜିର ସମାଜ ମଧ୍ୟ ପରମେଶ୍ୱରଙ୍କ ନାମ ଗୌରବାନ୍ୱିତ କରେ ନାହିଁ । ମନୁଷ୍ୟର ହୃଦୟ ମନ୍ଦ କଳ୍ପନା ଓ କୁତ୍ସିତ ବାକ୍ୟ ଦ୍ୱାରା ଆପଣଙ୍କୁ କଳୁଷିତ କରେ । ପରମେଶ୍ୱରଙ୍କ ନିକଟକୁ ଫେରି ଆସିବା ନିମନ୍ତେ ଆମ୍ଭମାନଙ୍କୁ :-

୧) ତାହାଙ୍କ ନାମ ଗୌରବାନ୍ୱିତ କରିବା । ତାହାଙ୍କ ନାମ ତାହାଙ୍କ ବ୍ୟକ୍ତିତ୍ୱ ପ୍ରକାଶ କରେ । ତାହାଙ୍କ ପବିତ୍ରତା ଘୋଷଣା କରେ । (୧ମ ପିତର ୧:୧୫,୧୬)

୨) ତାହାଙ୍କ ବାକ୍ୟ ଗୌରବାନ୍ୱିତ କରୁ : "..............ଏହି ଲୋକ ପ୍ରତି, ଅର୍ଥାତ୍,

ଯେଉଁଲୋକ ଦୁଃଖୀ ଓ ଚୂର୍ଣ୍ଣମନା ଓ ଯେ ଆମ୍ଭ ବାକ୍ୟରେ କମ୍ପମାନ ହୁଏ, ତାହା ପ୍ରତି ଆମ୍ଭେ ଦୃଷ୍ଟିପାତ କରିବା ।'' (ଯିଶାଇୟ ୬୬:୨)'' ମୁଁ ଆପଣା ଆବଶ୍ୟକ ଆହାର ଅପେକ୍ଷା ଅଧିକ ତାହାଙ୍କ ମୁଖର ବାକ୍ୟ ସଞ୍ଚୟ କରିଅଛି ।'' (ଆୟୁବ ୨୩:୧୨) ବାଇବଲରେ ଲିଖିତ ବାକ୍ୟଗୁଡ଼ିକ ଈଶ୍ୱର ନିଃଶ୍ୱସିତ ଅଟେ । (୨ ତୀମଥି ୩:୧୬) ବେରୟାର ଯିହୂଦୀମାନଙ୍କ ସଦୃଶ୍ୟ ଆମ୍ଭେମାନେ ପୂର୍ଣ୍ଣ ଆଗ୍ରହରେ ବାକ୍ୟ ଗ୍ରହଣ କରି, ସେ ସମସ୍ତ ସତ୍ୟ କି ନା, ତାହା ଜାଣିବା ନିମନ୍ତେ ପ୍ରତିଦିନ ଶାସ୍ତ୍ର ଅନୁସନ୍ଧାନ କରୁ । (ପ୍ରେରିତ ୧୭:୧୧)

୩) ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ସ୍ଥାପିତ ମଣ୍ଡଳୀର ସମ୍ମାନ କରୁ । ଯୀଶୁଖ୍ରୀଷ୍ଟ ଆପଣା କ୍ରୁଶରେ ହତ ହୋଇ ଆପଣା ରକ୍ତ ଦ୍ୱାରା ମଣ୍ଡଳୀ ସ୍ଥାପନ କରିଅଛନ୍ତି । (ମାଥିଉ ୧୬:୧୮, ପ୍ରେରିତ ୨୦:୨୮) ତାହାଙ୍କ ଅଦ୍ୱିତୀୟ ଗୌରବ କରୁ (ଏଫିସୀ ୪:୪-୬, କଲସୀ ୧:୧୮) ଶ୍ରବଣ କରୁଥିବା ହିତଜନକ ବାକ୍ୟ ସକଳ ଆଦର୍ଶରୂପେ ଧରି ରଖୁ । (୨ ତୀମଥି ୧:୧୩) ପରମେଶ୍ୱରଙ୍କ ବାକ୍ୟ ଦ୍ୱାରା ଆମ୍ଭେମାନେ ମଣ୍ଡଳୀରେ କିପରି ପ୍ରବେଶ କରି, ତାହାଙ୍କ ଉପାସନା ଓ ସେବା କରିପାରିବା ଜାଣିଥାଉ । (ରୋମ ୬:୧୧-୧୬, ୧:୧୭, ଏଫିସୀ ୫:୧୮) ଆପଣା ପ୍ରଜାମାନଙ୍କ ପ୍ରତି ପରମେଶ୍ୱରଙ୍କ ଯୋଜନା ତାହାଙ୍କ ବାକ୍ୟରେ ନିହିତ ହୋଇ ରହିଅଛି । ବାକ୍ୟ ସନ୍ଧାନ କଲେ ତାହାଙ୍କ ଇଚ୍ଛା ଜାଣିପାରିବା । ତାହାଙ୍କ ନାମର, ତାହାଙ୍କ ବାକ୍ୟର ଓ ତାହାଙ୍କ ମଣ୍ଡଳୀର ଗୌରବ କରିପାରିବା ପୃଥିବୀର ସର୍ବୋତ୍କୃଷ୍ଟ ନାମରେ ସମ୍ମାନ କରିବା ଦ୍ୱାରା ଆମ୍ଭେମାନେ ପ୍ରକୃତରେ ଆଦିମ ଖ୍ରୀଷ୍ଟଙ୍କ ମଣ୍ଡଳୀର ସୁଦ୍ଧତା ଓ ପବିତ୍ରତା ପୁନଃଉଦ୍ଧାର କରିପାରିବା ।

**- Bill Nicks**

❋❋❋

# ଜଗତକୁ ପରିବର୍ତ୍ତିତ କରିଥିବା ଯୁଦ୍ଧ

## (The Battle That Has changed the World)

ସହସ୍ର ବର୍ଷ ପୂର୍ବେ ସଦାପ୍ରଭୁ ପରମେଶ୍ୱର ଓ ଶୟତାନ ମଧ୍ୟରେ, ସତ୍ୟ ଓ ମିଥ୍ୟା ମଧ୍ୟରେ, ଧାର୍ମିକତା ଓ ଅଧାର୍ମିକତା ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇଥିଲା । ଏହି ଯୁଦ୍ଧ କେବେ ବି ଶେଷ ହୋଇପାରେ । କିନ୍ତୁ ପ୍ରଶ୍ନ ହେଲା ଏହା କିପରି ଆରମ୍ଭ ହୋଇଥିଲା ଓ ଏହି ଯୁଦ୍ଧର ବିଜୟୀ କିଏ ହେବ ? ଏହି ସବୁ ପ୍ରଶ୍ନର ଉତ୍ତର କେବଳ ବାଇବଲରେ ପାଇପାରୁ । ଆସ ଆମ୍ଭେମାନେ ସଦାପ୍ରଭୁ ଓ ଶୟତାନ ମଧ୍ୟରେ ଥିବା ଯୁଦ୍ଧ ବିଷୟରେ ବାଇବଲରୁ ପଢ଼ି ବୁଝିବା ।

ପୃଥିବୀର ସୃଷ୍ଟି ପୂର୍ବେ ସଦାପ୍ରଭୁ ସ୍ୱର୍ଗ ଓ ଦୂତଗଣକୁ ସୃଷ୍ଟି କରିଥିଲେ । (ଆଦି ୧:୧, ଆୟୁବ ୩:୮-୭) ସରାଫ, କିରୂବ ଓ ପ୍ରଧାନ ଦୂତଗଣ ପରମେଶ୍ୱରଙ୍କ ଦ୍ୱାରା ସୃଷ୍ଟ ହୋଇଥିଲେ । ପ୍ରଧାନ ଦୂତଗଣମାନଙ୍କ ମଧ୍ୟରୁ ଏକ ଦୂତଙ୍କୁ ମହାଶକ୍ତି ଓ ବଳ ପ୍ରଦାନ କରାଯାଇଥିଲା । ସେ ପରମେଶ୍ୱରଙ୍କ ବିଦ୍ରୋହୀ ହେଲା ଓ ଅନେକ ଦୂତ ତାହାର ସଙ୍ଗୀ ହେଲେ । (ଯିଶାଇୟ ୧୪:୧୨-୧୫, ମାଥିଉ ୨୫:୪୧) । ଏହି ବିଦ୍ରୋହୀ ଦୂତଦଳ ପରମେଶ୍ୱରଙ୍କ ବିରୁଦ୍ଧରେ ଯୁଦ୍ଧ ଆରମ୍ଭ କଲେ । ସେମାନଙ୍କ ମଧ୍ୟରୁ ଅନେକ ଗାଢ଼ ଅନ୍ଧକାରରେ ଏବେ ମଧ୍ୟ ବନ୍ଦୀ ହୋଇ ବିଚାରଦିନର ଅପେକ୍ଷାରେ ଅଛନ୍ତି । (୨ ପିତର ୨:୪, ଯିହୂଦା ୬ ପଦ)

ସ୍ୱର୍ଗରୁ ପତିତ ସେହି ପ୍ରଧାନଦୂତ ଅର୍ଥାତ୍ ଶୟତାନ, ଗର୍ଜନ କରୁଥିବା ସିଂହ ତୁଲ୍ୟ କାହାକୁ ଗ୍ରାସିବ ବୋଲି ଜଗତରେ ଏଣେ ତେଣେ ଭ୍ରମଣ କରୁଅଛି । (୧ମ ପିତର ୫:୮) ଭ୍ରାନ୍ତତା ଓ ପାପର ଜାଲ ଏପରି ଭାବେ ଜଗତରେ ବିଛା ଯାଇଛି ଯେ, ଲୋକେ ସେଥିରେ ଛନ୍ଦି ହୋଇ ପାପ ଜାଲରେ ପଡ଼ନ୍ତି । ପାପର ବେତନ ମୃତ୍ୟୁ (୬ମ ଯୋହନ ୩:୮ ଓ ରୋମୀୟ ୬:୨୩)

ମନୁଷ୍ୟଯାକେ ଧାର୍ମିକତାକୁ ଫେରି ଆସିବା ନିମନ୍ତେ ସଦାପ୍ରଭୁ ଅନେକ ଭାବବାଦୀ ଓ ଦୂତମାନଙ୍କୁ ଏହି ଜଗତକୁ ପଠାଇଲେ । କିନ୍ତୁ ମାନବ ସମାଜ ସେହି ବିଦ୍ରୋହୀ ଶୟତାନର କଥାରେ ଅଧିକ ମନୋଯୋଗ କରନ୍ତି । ଦୁଇ ହଜାର ବର୍ଷ ପୂର୍ବେ ପରମେଶ୍ୱର ମନୁଷ୍ୟରୂପ ଧାରଣକାରୀ ମନୁଷ୍ୟମାନଙ୍କ ମୁକ୍ତି ନିମନ୍ତେ ଏହି ଜଗତକୁ ଅବତରଣ କରିଥିଲେ । ଯୀଶୁଖ୍ରୀଷ୍ଟଙ୍କ ରକ୍ତ ଦ୍ୱାରା ସେହି ଯୁଦ୍ଧର ଜୟ ହେଲା ଓ ଶୟତାନ ପରାଜିତ ହେଲା । ତାହାଙ୍କ ଦ୍ୱାରା ଆମ୍ଭେମାନେ ଯେପରି ଶୟତାନକୁ ପରାଜୟ କରିପାରୁ, ଏଥି ନିମନ୍ତେ ପ୍ରଭୁ ଯୀଶୁ ଆପଣା ପ୍ରାଣ କ୍ରୁଶରେ ଅର୍ପଣ କରିଥିଲେ । ସେ "ସମାପ୍ତ ହେଲା" ବୋଲି କହି ପ୍ରାଣତ୍ୟାଗ କରିଥିଲେ । ସେ କାର୍ଯ୍ୟ ସମାପ୍ତ କରି ଅଛନ୍ତି । ମୂଲ୍ୟ ପ୍ରଦାନ କରି ଅଛନ୍ତି । ସେ ବିଜୟୀ ଅଟନ୍ତି ।

ଶୟତାନ ଯୁଦ୍ଧରେ ପରାଜିତ ହୋଇଅଛି । ଆଜି ଯେଉଁମାନେ ଖ୍ରୀଷ୍ଟଙ୍କ ବଳିଦାନ ଆପଣା ଜୀବନରେ ଗ୍ରହଣ କରନ୍ତି । ଈଶ୍ୱରଙ୍କ ସନ୍ତାନ ହୋଇ ଅନନ୍ତ ଜୀବନ ପ୍ରାପ୍ତ ହେବାର ସୁଯୋଗ ପାଇଥାନ୍ତି । (ଯୋହନ ୩:୧୪-୧୮, ୧:୧୨) । ଏହି ଯୁଦ୍ଧ ଜଗତକୁ ପରିବର୍ତ୍ତିତ କରିଅଛି । ଆପଣ ଯଦି ସେହି ବିଜୟୀ ପ୍ରଭୁଙ୍କୁ ଆପଣା ଜୀବନରେ ଆମନ୍ତ୍ରଣ କରନ୍ତି, ସେ ଆପଣଙ୍କ ଜୀବନ ପରିବର୍ତ୍ତନ କରାଇବେ । (ପ୍ରକାଶିତ ୩:୨୦,୨୧) "ମୁଁ ଦ୍ୱାର, ଯଦି କେହି ମୋ' ଦେଇ ପ୍ରବେଶ କରେ, ତାହାହେଲେ ସେ ରକ୍ଷା ପାଇବ... ..." (ଯୋହନ ୧୦:୯) ।

**- Patrick Boynes**

❋❋❋

**Edited & Published by : Kabita & Joshua Gootam**

# The Lord's Army

*Eph, 6 : 10-20; 2 Tim. 2 : 3, 4:2 Cor. 10:4; 1 Tim. 1:18*

**INTRODUCTION :**

1. Time Magazine says that there have been forty wars since 1945. 2. One of them was the Pakistan India war. 3. We all know then what war is and we know that it takes armies to have a war. 4. I want to talk about the Lord's Army.

**DISCUSSION :**

## I. Our Warfare is not Carnal. (2 Cor. 10:4).

1. We do not believe in war. 2. We do not believe in a holy war. 3. Therefore we do not believe in carnal armies. 4. We are not to hate people. 5. We do not have an earthly head. 6. We do not have carnal weapons. 7. We are not seeking material gain.

## II. The Lord's Army.

1. Christ is the Captain or head. (Heb. 2:10). 2. A spiritual army. 3. Fighting a spiritual warfare.

## II. One must Volunteer

1. Christ invites all to come. (Matt. 11:28-30). 2. But he forces no one to become a member.

## IV. Weapon given to each Soldier.

1. Not a sword. 2. Not a gun. 3. But the word of God, the Sword of the Spirit. (Eph. 6:17; Heb, 4:12).

## V. The army is to march Against the Enemy. (Eph. 6:12).

1. The Devil. 2. His co-workers.

3. All evil. a. Ignorance. b. Pride. c. Prejudice. d. Unbelief. e. Materialism. f. False religion

## VI. The armor. (Eph. 6:14-18).

1. Loins Girt about with truth. 2. Breast plate of righteous ness. 3. Feet shod with the preparation of the gospel. 4. Helmet of faith. 5. Helmet of salvation. 6. Sword of

the Spirit. 7. Be prayerful. 8. Be watchful.

VII. Those who surrender must do so Unconditionally.

1. The Lord will not stand for compromise. 2. Must come on his terms. (Mark 16:15, 16). 3. Must give all. (Rom. 12:1, 2).

VIII. Penalty for Deserters.

1. Withdrawal of fellowship. (1 Cor. 5). 2. The Lord will cast them out. (Matt. 13). 3. To be punished eternally. (Rev. 21:8).

IX. Faith is the Victory.

1. Must be willing to sacrifice. 2. Must be faithful. 3. will win this war.

**CONCLUSION :**

1. The Lord's Army is out to conquer the world (Mark 16:15).
2. Spiritual Victory will bring peace to the earth.

From:
SATYA VANI
P.O. BOX 80,
KAKINADA - 533 001

Printed Book Only

To

(For Private Circulation Only)